

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୩ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 23 JUNE 2023
Vol.No. 35 ■ No. 164■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ହ୍ୱାଇଟ ହାଉସରେ ପିଏମ ମୋଦୀଙ୍କୁ ଭବ୍ୟ ସ୍ୱାଗତ

### ଏହା ୧୪୦ କୋଟି ଭାରତୀୟଙ୍କୁ ସମ୍ମାନ



ନୂଆଦିଲ୍ଲୀ, ୨୨/୦୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ହ୍ୱାଇଟ ହାଉସ ପହଞ୍ଚିଛନ୍ତି । ଯେଉଁଠାରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏବଂ ଜିଲ ବାଇଡେନ ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି । ଏହି ସମୟରେ ହ୍ୱାଇଟ ହାଉସରେ ବାଇଡେନଙ୍କ ବ୍ୟତୀତ ଉପରାଷ୍ଟ୍ରପତି କମଳା ହାରିସ୍, ଭାରତର ବିଦେଶ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସହ ଅନେକ ଅଧିକାରୀ ଉପସ୍ଥିତ ଅଛନ୍ତି । ଏହି ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି '' ଭାରତ ଏବଂ ଆମେରିକା ସବୁ ବିଷୟରେ ମିଳିମିଶି କାମ କରୁଛନ୍ତି । ଯାହା ଭାରତ, ଆମେରିକା ଏବଂ ବିଶ୍ୱ ପାଇଁ ବହୁତ ମହତ୍ୱପୂର୍ଣ୍ଣ । ଆମେ ଆଜି ଯାହାବି ନିର୍ଣ୍ଣୟ ନେବୁ ତାହା ଆଗାମୀ ପୀଢ଼ିଙ୍କୁ ପ୍ରଭାବିତ କରିବ ।'' ବାଇଡେନ୍ କହିଛନ୍ତି ଭାରତ ସହଯୋଗରେ ଆମେ କ୍ୱାଡକୁ ମଜବୁତ କରିଛୁ । ସେ ଆହୁରି କହିଛନ୍ତି ଯେ, ସବୁବେଳେ ବିଶ୍ୱାସ କରିଛି ଆମେରିକା ଏବଂ ଭାରତ ମଧ୍ୟରେ ଏହି ସଂପର୍କ ଏକବିଂଶ ଶତାବ୍ଦୀର ସବୁଠୁ ଗୁରତ୍ୱପୂର୍ଣ୍ଣ ସମ୍ପର୍କ ଏହି ସମ୍ପର୍କ ସ୍ଥାୟୀ । ସେ କହିଛନ୍ତି ଆମେ ଦୁଇ ଗୌରବଶାଳୀ ରାଷ୍ଟ୍ର ତିନି ଶବ୍ଦରେ ଯୋଡ଼ି ହୋଇଛୁ-'' we the people''. ବାଇଡେନଙ୍କ ସ୍ୱାଗତ ଭାଷଣ ପରେ ପ୍ରଧାନମନ୍ତ୍ରୀ ମୋଦୀ ଭବ୍ୟ ସ୍ୱାଗତକୁ ନେଇ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ''ଆଜି ହ୍ୱାଇଟ ହାଉସରେ ଏହି ଭବ୍ୟ ସ୍ୱାଗତ ସମାରୋହ ୧୪୦ କୋଟି ଭାରତୀୟଙ୍କ ପାଇଁ ସମ୍ମାନର ବିଷୟ ।'' ସେ କହିଛନ୍ତି ଯେ, ମୁଁ ତିନି ଦଶନ୍ଧି ତଳେ ଆମେରିକା ଆସିଥିଲା ଏବଂ ହ୍ୱାଇଟ ହାଉସକୁ ବାହାରୁ ଦେଖିଥିଲି । ମୁଁ ଅନେକ ଥର ଆମେରିକା ଆସିଛି କିନ୍ତୁ ପ୍ରଥମ ଥର ଆମେରିକାରେ ଏତେ ଭାରତୀୟଙ୍କ ପାଇଁ ହ୍ୱାଇଟ ହାଉସର କବାଟ ଖୋଲଚିଛି । ପିଏମ ମୋଦୀ କହିଛନ୍ତି ଯେ ଉଭୟ ଦେଶ ଲୋକତାନ୍ତ୍ରିକ ମୂଲ୍ୟ ଉପରେ ଆଧାରିତ । ନିଜ ବିବିଧତାକୁ ନେଇ ଗର୍ବ କରୁଛୁ ।

## ଗଜପତି ଜିଲ୍ଲାପାଳ ବଦଳିଲେ

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ରାଜ୍ୟ ସରକାର ଗୁରୁବାର ଦିନ ଭାରତୀୟ ପ୍ରଶାସନିକ ସେବା ସ୍ତରରେ ଏକ ଛୋଟ ଧରଣର ଅଦଳ ବଦଳ କରିଛନ୍ତି । ଗଜପତିର ନୂଆ ଜିଲ୍ଲାପାଳ ଭାବେ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଦାୟିତ୍ୱ ମିଳିଥିବାବେଳେ ଜିଲ୍ଲାପାଳ ଥିବା ଲିଙ୍ଗରାଜ ପଣ୍ଡାଙ୍କୁ ସାମାଜିକ କଲ୍ୟାଣ ସହ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି ।

## ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଝାରସୁଗୁଡାରେ ପହଂଚିଲେ

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ଆଜିଠାରୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଆଜି ଦୁଇ ଇଦିନିଆ ଓଡିଶାରେ ଝାରସୁଗୁଡାରେ ପହଂଚିଛନ୍ତି । ଆଜି ଅପରାହ୍ନ ସାଢେ ୪ଟା ବେଳେ ଶ୍ରୀ ନଡ୍ଡା ଏକ ସ୍ୱତନ୍ତ୍ର ବିମାନ ଯୋଗେ ଝାରସୁଗୁଡା ବିମାନ ବନ୍ଦରରେ ଅବତରଣ କରିଛନ୍ତିକ୍ଷ ବିମାନବନ୍ଦରରେ ପହଂଚିବା ପରେ ତାଙ୍କୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଓଡିଶା ପ୍ରଭାରୀ ଡି ପୁରନ୍ଦେସ୍ୱରୀ, ସାଂସଦ ସୁରେଶ ପୂଜାରୀ ପ୍ରମୁଖ ସ୍ୱାଗତ କରିଛନ୍ତି ।

## ଓଡ଼ିଶା ଛୁଇଁଲା ମୌସୁମୀ ବାୟୁ: ୨ଦିନ ମଧ୍ୟରେ ସବୁ ଜିଲ୍ଲାରେ କରିବ ପ୍ରବେଶ

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଛି । ଆଜି ଓଡ଼ିଶା ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ୨ ଦିନ ମଧ୍ୟରେ ମୌସୁମୀ ବାୟୁ ସାରା ଓଡ଼ିଶାକୁ ଅଗ୍ରସର ହେବ । ଆଜି ମାଲକାନଗିରି, କୋରାପୁଟ, ଗଜପତି ଜିଲ୍ଲାକୁ ମୌସୁମୀ ପ୍ରବେଶ କରିଛି । ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି । ଆଗାମୀ ୨୪ ଘଣ୍ଟା ଭିତରେ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଦୁଇ ଦିନ ଭିତରେ ମୌସୁମୀ ବାୟୁ ଓଡ଼ିଶା ଛୁଇଁବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଥିଲା । ତା'ପୂର୍ବରୁ ମୌସୁମୀ ଓଡ଼ିଶା ଛୁଇଁଛି । ଆଜି ସକାଳେ ଭୁବନେଶ୍ୱରର ସମେତ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହୋଇଛି । ସେହିପରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । ଢେଙ୍କାନାଳ ଜିଲ୍ଲାର ଭୁବନରେ ସର୍ବାଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।

## ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ୧୧ଟି ସ୍ଥାନରେ ଏକକାଳୀନ ଚଢ଼ଉ



ଭୁବନେଶ୍ୱର, ୨୨/୦୬ (ନି.ପ୍ର): ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭଦ୍ରକର ପୂର୍ବତନ ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରାଙ୍କ ବିଭିନ୍ନ ଠିକଣା ଉପରେ ଗୁରୁବାର ଦିନ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି । ଭୁବନେଶ୍ୱର, ବାଲେଶ୍ୱର ଓ ଭଦ୍ରକର ୧୧ଟି ସ୍ଥାନରେ ଭିଜିଲାନ୍ସ ଏକକାଳୀନ ଚଢ଼ଉ କରୁଛି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଭିଜିଲାନ୍ସ କୋର୍ଟଙ୍କ ଆଦେଶକ୍ରମେ ଏହି ଚଢ଼ଉ କରାଯାଉଥିବା ବେଳେ ଏଥିରେ ଜଣେ ଅତିରିକ୍ତ ଏସପି, ୪ଜଣ ଡିଏସପି, ୮ଜଣ ଇନସ୍ପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁସାରେ ଭଦ୍ରକ ଫିରିଙ୍ଗପାଟଣାରେ ଥିବା ଜୟନ୍ତୀ ବେହେରାଙ୍କ ୩ ମହଲା ବିଶିଷ୍ଟ ବାସଭବନ, ବାଲେଶ୍ୱର ସିଦ୍ଧେଶ୍ୱର କଲୋନିରେ ୩ ମହଲା ଓ ଦୁଇ ମହଲା ବିଶିଷ୍ଟ ଘର, ଭୁବନେଶ୍ୱର ଗୌତମ ନଗର ଅଞ୍ଚଳରେ ଫ୍ଲାଟ୍, ଓଲଡ ଟାଉନ ଅଞ୍ଚଳରେ ଥିବା ଫ୍ଲାଟରେ ଚଢ଼ଉ ଚାଲିଛି । ଖାଲି ସେତିକି ନୁହେଁ, ଜୟନ୍ତୀଙ୍କ ଭୁବନେଶ୍ୱର କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ କରୁଛି ଭିଜିଲାନ୍ସ । ଏଣେ ବାଲେଶ୍ୱର ସୁନହଟରେ ଥିବା ସମ୍ପର୍କୀୟ ଓ ଜଣେ ସହଯୋଗୀଙ୍କ ଘରେ ବି ଚଢ଼ଉ ଚାଲିଛି । ଏହାଛଡ଼ା ଭଦ୍ରକରେ ଥିବା ତାଙ୍କୁ ପୁରୁଣା ଅଫିସରେ ବି ଚଢ଼ଉ କରାଯାଉଛି ।

## ବଢ଼ିଲା ହୋମଗାର୍ଡଙ୍କ ପାରିଶ୍ରମିକ



ଭୁବନେଶ୍ୱର, ୨୨/୦୬ (ନି.ପ୍ର): ସୁପ୍ରିମକୋର୍ଟଙ୍କ କଡ଼ା ତାଗିଦ୍ ପରେ ରାଜ୍ୟ ସରକାର ହୋମଗାର୍ଡ ମାନଙ୍କର ଦୈନିକ ପାରିଶ୍ରମିକ ବୃଦ୍ଧି କରିଛନ୍ତି । ଏପ୍ରିଲ ପହିଲାରୁ ପିଛିଲା ଭାବେ ଏହି ପାରିଶ୍ରମିକ ବୃଦ୍ଧି ହେବ । ହୋମଗାର୍ଡଙ୍କ ଦୈନିକ ପାରିଶ୍ରମିକ ୪୨୩ଟଙ୍କା ପରିବର୍ତ୍ତେ ୫୩୩ଟଙ୍କାକୁ ବୃଦ୍ଧି ପାଇଛି । ଆଜି ଏନେଇ ଗୃହ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ହୋମଗାର୍ଡମାନଙ୍କ ଦୈନିକ ପାରିଶ୍ରମିକ ୪୨୩ଟଙ୍କାରୁ ୫୩୩ଟଙ୍କାକୁ ବୃଦ୍ଧି ହୋଇଛି । ସୁପ୍ରିମକୋର୍ଟଙ୍କ ଦ୍ୱାରା ମାର୍ଚ୍ଚ ୧୭ତାରିଖର ରାୟ ଆଧାରରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ହୋମଗାର୍ଡ ମାନେ ଯେତିକି ଦିନ ଡ୍ୟୁଟି କରିବେ ସେମାନଙ୍କୁ ଅନୁରୂପ ଭାବେ ଦୈନିକ ୫୩୩ଟଙ୍କା ହିସାବରେ ପାରିଶ୍ରମିକ ମିଳିବ । ଆଉ ପ୍ରଚଳିତ ନିୟମ ଅନୁସାରେ ଯେଉଁ ସଂସ୍ଥା ଦ୍ୱାରା ହୋମଗାର୍ଡଙ୍କୁ ଡ୍ୟୁଟି ଦିଆଯିବ ସମ୍ପୃକ୍ତ ସଂସ୍ଥା ସେହି ପାରିଶ୍ରମିକ ପ୍ରଦାନ କରିବ ।

▶▶ପୃଷ୍ଠା ୭

## ରାଜ୍ୟ ଆହାର ସୋସାଇଟିକୁ ୨୦ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ଆହାର କେନ୍ଦ୍ର ପରିଚାଳନା ପାଇଁ ଗଠିତ ରାଜ୍ୟସ୍ତରୀୟ ଆହାର କମିଟିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସୂଚନାଯୋଗ୍ୟ ଯେ ୨୦୧୫-୧୬ରୁ ୨୦୨୧-୨୨ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆହାର କାର୍ଯ୍ୟକ୍ରମ ପାଇଁ ୨୨୮.୭୬ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ଏକ ଅତ୍ୟନ୍ତ ଲୋକପ୍ରିୟ କାର୍ଯ୍ୟକ୍ରମ । ସହର ମାନଙ୍କରେ ହସ୍ପିଟାଲ, ବସଷ୍ଟାଣ୍ଡ ଏବଂ ଅନ୍ୟାନ୍ୟ ଗହଳି ସ୍ଥାନରେ ଜରୁରୀ କାର୍ଯ୍ୟ ପାଇଁ ଯାଇଥିବା ଗରିବ ଲୋକମାନେ ଏହାଦ୍ୱାରା ମାତ୍ର ୫ ଟଙ୍କାରେ ସୁଷମ ଓ ସ୍ୱାସ୍ଥ୍ୟପ୍ରଦ ଆହାର ପାଇପାରୁଛନ୍ତି ।

# ବିଜେଡିକୁ ଘାରିଛି ଗୋଷ୍ଠୀ କନ୍ଦଳ ଭୟ

## ୭୯ ଆସନ ପାଇଁ ଦଳୀୟ ନେତାଙ୍କୁ ଆଗୁଆ ଗ୍ରୀନ ସିଗନାଲ




ଭୁବନେଶ୍ୱର, ୨୨/୦୬ (ନି.ପ୍ର): ସାଧାରଣ ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି କରୁଥିବା ଶାସକ ବିଜେଡି ଏବେ ଦଳୀୟ ଗୋଷ୍ଠୀକନ୍ଦଳକୁ ପ୍ରଶମିତ କରିବା ଓ ଦଳଡିଆଁ ଉପରେ ନିୟନ୍ତ୍ରଣ ନିମନ୍ତେ ଅଧାରୁ ଅଧିକ ବିଧାନସଭା ଆସନରେ ଆଗୁଆ ଦଳୀୟ ପ୍ରାର୍ଥୀଙ୍କୁ ଗ୍ରୀନ୍ ସିଗନାଲ ଦେଇଛି । ବିଜେଡି ଇତିହାସରେ ପ୍ରଥମଥର ପାଇଁ ଦଳ ନିଜର ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ପ୍ରସ୍ତୁତ ରହିବାକୁ ଆଗୁଆ ସଙ୍କେତ ଦେଇଛି । ଅକ୍ଷୟ ତୃତୀୟାରୁ ରଥଯାତ୍ରା ମଧ୍ୟରେ ୩ଥରରେ ମୋଟ୍ ୭୯ଜଣ ନେତାଙ୍କୁ ଆଗାମୀ ନିର୍ବାଚନ ପାଇଁ ଗ୍ରୀନ୍ ସିଗନାଲ ଦେଇଥିବାବେଳେ ସେଥିରୁ ୭ଜଣ ଅଣବିଧାୟକ ବୋଲି ବିଜେଡି ସୂତ୍ରରୁ ସୂଚନା ମିଳିଛି । ତେବେ ବିଜେଡି ନେତୃତ୍ୱ ଯେଉଁ ଢଙ୍ଗରେ ଗ୍ରୀନ୍ ସିଗନାଲ ଦେଉଛନ୍ତି ତାହା ଗ୍ରୀନ୍ ସିଗନାଲ ପାଉଥିବା ଦଳର କିଛି ନେତାଙ୍କ ଦ୍ୱନ୍ଦ୍ୱ ଓ ଆଶଙ୍କା ବଢ଼ାଇ ଦେଇଛି । ବିଜେଡି ସୂତ୍ର ଅନୁସାରେ, ବିଜେଡି ସୁପ୍ରିମୋ ଗତ ଅକ୍ଷୟ ତୃତୀୟା ତିଥିରୁ ଦଳୀୟ ଟିକେଟ୍ ଆଶାୟୀ ନିଜର କିଛି ବିଧାୟକ ଓ ନେତାମାନଙ୍କୁ ନବୀନ ନିବାସ ଡାକି ଆଗାମୀ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି । "ଆପଣଙ୍କ ସର୍ଭେରେ ଭଲ ଆସିଛି । ଏରିଆରେ ଅଧିକ ଫୋକସ କରନ୍ତୁ । ଯେଭଳି ମାର୍ଜିନ୍ ଅଧିକ ରହିବ ତାହା ଦେଖନ୍ତୁ ।" ନବୀନ ନିବାସ ଡକାଯାଇ ଯେଉଁ ନେତାମାନଙ୍କୁ ଏହି ୩ପଦ କଥା କୁହାଯାଉଛି ସେମାନେ ବେଶ୍ ଉତ୍ସାହିତ ହୋଇ ଫେରୁଛନ୍ତି । କେତେକ ଏହାକୁ ଆଗାମୀ ନିର୍ବାଚନ ପାଇଁ ଟିକେଟ୍ କନଫର୍ମ ବୋଲି ଭାବୁଥିବାବେଳେ ଆଉ କିଛି ସେମାନଙ୍କ ଅଂଚଳରେ ଚାଲିଥିବା ସମାନ୍ତରାଳ ସଂଗଠନକୁ ପ୍ରଶମିତ କରିବା ନିମନ୍ତେ ଦଳ ପକ୍ଷରୁ ଏହା ସୁଚିନ୍ତିତ ରଣନୀତି ଭାବେ ବିବେଚନା କରୁଛନ୍ତି । ଅବଶ୍ୟ ଯେଉଁ ନେତାମାନଙ୍କୁ ନବୀନ ନିବାସ ଡକାଯାଉଛି, ସେଥିରୁ କିଛି ନେତାଙ୍କୁ ନିବୀନ ନିବାସର କର୍ମଚାରୀଙ୍କ ଦ୍ୱାରା ଫୋନ୍ କଲ୍ ଯାଉଥିବାବେଳେ ଆଉ କିଛି ନେତାଙ୍କୁ ଦଳର ସଂଗଠନ ସମ୍ପାଦକ

▶▶ପୃଷ୍ଠା ୭

## ଓଡିଶାର ଦୁଇ ସ୍ୱାସ୍ଥ୍ୟ କର୍ମୀ ପାଇଲେ ଫ୍ଲୋରେନ୍ସ ନାଇଟଆଙ୍ଗେଲ ପୁରସ୍କାର

ନୂଆଦିଲ୍ଲୀ, ୨୨/୦୬ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଦିନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ କାମ ପାଇଁ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ଫ୍ଲୋରେନ୍ସ ନାଇଟଆଙ୍ଗେଲ ପୁରସ୍କାରରେ ସମ୍ମାନିତ କରିଛନ୍ତି । ଏମାନଙ୍କ ମଧ୍ୟରେ ଓଡ଼ିଶାର ଦୁଇ ଜଣ ସ୍ୱାସ୍ଥ୍ୟକର୍ମୀ ଅଛନ୍ତି । ୨୦୨୨ ପାଇଁ ନର୍ସ ସେବତୀ ସାହୁ ଓ ୨୦୨୩ ପାଇଁ ଏଏନଏମ ମଞ୍ଜୁଲତା ମହାରଣାଙ୍କୁ ପୁରସ୍କାର ମିଳିଛି ।

## ବିରୋଧୀଙ୍କ ବଡ଼ ବୈଠକ ପୂର୍ବରୁ କଂଗ୍ରେସକୁ ଚରମବାଣୀ ଶୁଣାଇଲା ଆପ୍



ନୂଆଦିଲ୍ଲୀ, ୨୨/୦୬ : ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକ ଆସନ୍ତାକାଲି ବିହାରରେ ପାଟନାରେ ବଡ଼ ବୈଠକ କରିବାକୁ ଯାଉଛନ୍ତି । ଏହି ବୈଠକ ଜରିଆରେ ବିରୋଧୀ ଦଳଗୁଡ଼ିକ ନିଜର ଶକ୍ତିପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ହେଲେ ଏହା ପୂର୍ବରୁ ଦିଲ୍ଲୀ ଓ ପଞ୍ଜାବର କ୍ଷମତାସୀନ ଆମ ଆଦମୀ ପାର୍ଟି(ଆପ୍) କଂଗ୍ରେସକୁ ଚମରବାଣୀ ଶୁଣାଇଛି । ଯଦି କଂଗ୍ରେସ ଦିଲ୍ଲୀ ପାଇଁ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶକୁ ବିରୋଧ ନ କରିବ, ତା'ହେଲେ ଆପ୍ ଆସନ୍ତାକାଲି ବିରୋଧୀଙ୍କ ବଡ଼ ବୈଠକରେ ଯୋଗ ଦେବ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଥିବା ଜଣାପଡ଼ିଛି । ଏହାକୁ ନେଇ ଏବେ ବିରୋଧୀଙ୍କୁ ଏକାଠି କରିବାକୁ ମଙ୍ଗ ଧରିଥିବା କଂଗ୍ରେସ ସହଯୋଗୀ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଚିନ୍ତା ବଢ଼ିଛି । ସେ ହିଁ କଂଗ୍ରେସ ଓ ଆପ୍‌କୁ ଗୋଟିଏ ମଞ୍ଚରେ ଏକାଠି କରିବାକୁ ଉଦ୍ୟମ କରୁଛନ୍ତି । ହେଲେ ଆପରର ଏପରି ସର୍ତ୍ତ ବିରୋଧୀ ଦଳଗୁଡ଼ିକର ଚିନ୍ତା ବଢ଼ାଇ ଦେଇଛି । ଆପ୍ ପକ୍ଷରୁ କୁହାଯାଇଛି ଯେ "ଦିଲ୍ଲୀ ଅଧ୍ୟାଦେଶ ପ୍ରସଙ୍ଗରେ କଂଗ୍ରେସ ଆମକୁ ଯେମିତି ହେଲେ ସମର୍ଥନ କରିବା ଦରକାର । ଯଦି କଂଗ୍ରେସ ଆମକୁ ସମର୍ଥନ ନ କରିବ, ତା'ହେଲେ ଆମେ ବିରୋଧୀଙ୍କ ବୈଠକକୁ ବୟକଟ କରିବୁ । କେବଳ ସେତିକି ନୁହେଁ, ଭବିଷ୍ୟତରେ ବିରୋଧୀଙ୍କ କୌଣସି ବୈଠକରେ ମଧ୍ୟ ଆପ୍ ଯୋଗ ଦେବନାହିଁ ।" ଦିଲ୍ଲୀ ପ୍ରଶାସନିକ କ୍ଷମତାକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଗତମାସରେ ଅଧ୍ୟାଦେଶ ଜାରି କରିଛନ୍ତି । ପ୍ରଥମେ ସୁପ୍ରିମକୋର୍ଟ ଦିଲ୍ଲୀରେ ଅଧିକାରୀଙ୍କ ବଦଳି ଓ ନିଯୁକ୍ତି ନିର୍ବାଚିତ ଆପ୍ ସରକାରଙ୍କ ବୋଲି ନିର୍ଦ୍ଦେଶ ଦେଇଥିଲେ । ଏହାକୁ ମାତ୍ ଦେବା ପାଇଁ କେନ୍ଦ୍ର ସରକାର ଏପରି ଅଧ୍ୟାଦେଶ ଆଣିଥିବା ଆପ୍ କହିଛି ।

▶▶ପୃଷ୍ଠା ୭

## ମଣିପୁରରେ ପୁଣି ହିଂସା: ଅବିଶ୍ରାନ୍ତ ଗୁଳିମାଡ଼ରେ ୨ ଯବାନ ଆହତ



ମଣିପୁର,୨୨/୦୬ : ଆଦିବାସୀ ଓ ଅଣ ଆଦିବାସୀଙ୍କ ସଂଘର୍ଷ ଯୋଗୁ ଅଶାନ୍ତ ହୋଇ ପଡ଼ିଥିବା ମଣିପୁରରେ ଶାନ୍ତି ଫେରାଇ ଆଣିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସର୍ବଦଳୀୟ ବୈଠକ ଡାକିଛନ୍ତି । ଏହି ବୈଠକ ପୂର୍ବରୁ ଆଜି ମଣିପୁରରେ ପୁଣି ହିଂସା ଦେଖିବାକୁ ମିଳିଛି । କିଛି ବନ୍ଧୁକଧାରୀ ଆଜି ଇମ୍ଫାଲର ଏନ ବୋଲଜାଙ୍ଗରେ ସୁରକ୍ଷାକର୍ମୀଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଛନ୍ତି । ଏଥିରେ ୨ ଜଣ ଯବାନ ଆହତ ହୋଇଥିବା ବେଳେ ପୂରା ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି । ଆର୍ମି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଇମ୍ଫାଲ ପଶ୍ଚିମ ଜିଲ୍ଲାର ଏନ ବୋଲଜାଙ୍ଗରେ ଆଜି ଅସ୍ତ୍ରଧାରୀ ଦୁର୍ବୃତ୍ତମାନେ ଆଖିବୁଜା ଗୁଳି ମାଡ଼ କରିଛନ୍ତି । ଏହାର ଜବାବ ବେଶ ସତର୍କତାର ସହ ଦିଆଯାଇଥିଲା । ଏହି ସମୟରେ ଦୁଇ ଜଣ ଯବାନ ଆହତ ହୋଇଥିଲେ । ସେମାନଙ୍କ ଅବସ୍ଥା ସ୍ଥିର ରହିଛି । ଘଟଣା ପରେ ହୋଇଥିବା ସର୍ଚ୍ଚ ଅପରେସନ ବେଳେ ଗୋଟିଏ ଇନସାସ ଲାଇଟ ମେସିନ ଗନ ଜବତ କରାଯାଇଛି । ଅତିରିକ୍ତ ଯବାନଙ୍କୁ ମୁତୟନ କରାଯିବା ସହ ଅପରେସନକୁ ଜୋରଦାର କରାଯାଇଥିବା ସେନା ପକ୍ଷରୁ କୁହାଯାଇଛି । ଏହାପୂର୍ବରୁ ଜୁନ ୧୮-୧୯ ରାତିରେ କାଣ୍ଟୋ ସାବାଲରୁ ଚିଙ୍ଗମାଙ୍ଗ ଗାଁ ଯାଏ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିଲେ । ଏଥିରେ ଜଣେ ଆର୍ମି ଯବାନ ଆହତ ହୋଇଥିଲେ ।

▶▶ପୃଷ୍ଠା ୭

# ପଶ୍ଚିମ ଓଡ଼ିଶା ମହିଳା ସଂଗଠନ ପକ୍ଷରୁ ୧୨ ଘଣ୍ଟିଆ ବଲାଙ୍ଗୀର ବନ୍ଦ ଡାକରା: ଜନଜୀବନ ପ୍ରଭାବିତ



ବଲାଙ୍ଗୀର, ୨୨/୦୬ (ନି.ପ୍ର): ବଲାଙ୍ଗୀର ସହରରେ ପଶ୍ଚିମ ଓଡ଼ିଶା ମହିଳା ସଂଗଠନ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏଠରେ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଛି। ସକାଳୁ ସକାଳୁ ପଶ୍ଚିମ ଓଡ଼ିଶା ମହିଳା ସଂଗଠନ ମହିଳା କର୍ମୀମାନେ ପିକେଟିଂ କରି ବିଭିନ୍ନ ସ୍ଥାନରେ ବନ୍ଦ ଡାକରାରେ ସାମିଲ ହେବା ଲାଗି ଲୋକଙ୍କୁ ନିବେଦନ କରୁଥିବାର ଦେଖିବାକୁ ମିଳିଛି। ଆଜି ବଲାଙ୍ଗୀରରେ ଦେକାନବଜାର, ସରକାରୀ ବେସକାରୀ ଶିକ୍ଷା ନୁଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ଏହାଛଡ଼ା ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିବା ଜଣାଯାଇଛି। ସ୍ନେହଲତା ଛତ୍ରିଆ ଘଟଣାର ସିବିଆଇ ତଦନ୍ତ ଓ ବିଭିନ୍ନ ପୀଡ଼ିତ ମହିଳାଙ୍କୁ ନ୍ୟାୟ ଦାବିରେ ବଲାଙ୍ଗୀର ବିଭିନ ସଂଗଠନ ବନ୍ଦ ଡାକରା ଦେଇଛ। ସକାଳ ୬ଟା ରୁ ସଂନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶା ମହିଳା ସଂଗଠନ ତରଫରୁ ସମସ୍ତ ସରକାରୀ ବେସକାରୀ ଶିକ୍ଷା ନୁଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ଯାନବାହାନ ଚଳାଚଳ ପାଇଁ ନିଷେଧ କରାଯାଇଛି। ଏହି ବନ୍ଦ ଡାକରାକୁ ନଗର କଂଗ୍ରେସ କମିଟି ସହ ବିଭିନ୍ନ ସଂଗଠନ ବି ପୂର୍ଣ୍ଣ ସମର୍ଥନ କରିଛନ୍ତି।

# କନ୍ଧମାଳର ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବ ଡ୍ରୋନ୍

କନ୍ଧମାଳ, ୨୨/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲାର ଦୁର୍ଗମ ଅଂଚଳରେ ଏଣିକି ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ୍ନ ହେବାକୁ ପଡ଼ିବ ନାହିଁ। ଜରୁରୀକାଳୀନ ପରିସ୍ଥିତିରେ ଦୁର୍ଗମ ଅଂଚଳରେ ରୋଗୀଙ୍କୁ ସେବା ଯୋଗାଇବ ଡ୍ରୋନ। କିଛି ଦିନ ଧରି ଚାଲିଥିବା ଏହି ଡ୍ରୋନ ପ୍ରୋଜେକ୍ଟର କାର୍ଯ୍ୟ ନିକଟରେ ପରୀକ୍ଷଣ ହୋଇଥିବା ବେଳେ ଗୁରୁବାର ଏହା ଆନୁଷ୍ଠାନିକ ଭାବେ ଜିଲାରେ ଆରମ୍ଭ ହୋଇଛି। ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ହୋଇଛି। କନ୍ଧମାଳ ଜିଲାର ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଉଡ଼ାଣ କରିଛି ଅତ୍ୟାଧୁନିକ ଡ୍ରୋନ୍। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆଜି କନ୍ଧମାଳ ସାଂସଦ ଡ.ଅଚ୍ୟୁତ ସାମନ୍ତ ଏହି ନୂତନ ସେବାର ଶୁଭାରମ୍ଭ କରିଛନ୍ତି। ଉତର ପୂର୍ବାଂଚଳକୁ ବାଦ୍ ଦେଲେ ସମଗ୍ର ଦେଶରେ ଏହା ପ୍ରଥମ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷ କରି ରାସ୍ତାଘାଟ ନଥିବା ଦୁର୍ଗମ ଅଂଚଳରୁ ରୋଗୀଙ୍କୁ ନୁମୁନା ସଂଗ୍ରହ କରିବା ସହିତ କମ୍ ସମୟ ମଧ୍ୟରେ ଜରୁରୀକାଳୀନ ଔଷଧ ଯୋଗାଇ ଦେବା ଉକ୍ତ ଡ୍ରୋନ୍। ସଂପୂର୍ଣ୍ଣଭାବେ ସ୍ୱୟଂ ଚାଳିତ ଏବଂ ବାତାନୁକୂଳିତ ଏହି ଡ୍ରୋନ୍ ସମୁଦ୍ର ପତନଠାରୁ ଏକ ହଜାର ମିଟର ଉଚ୍ଚରେ ତଥା ଘଣ୍ଟାକୁ ପ୍ରାୟ ୧୦୦ କିମି ବେଗରେ ଉଡ଼ିବାର କ୍ଷମତା ରହିଛି। ଆନ୍ତର୍ଜାତିକ ସଂସ୍ଥା ୟୁଏସ୍ ଏଡ଼ର ସହଯୋଗାରେ କନ୍ଧମାଳ ଜିଲାକୁ ଏଭଳି ତିନୋଟି ଡ୍ରୋନ୍ ଯୋଗାଇ ଦେଇଛି ବାଙ୍ଗାଲୁରୁର ଷ୍ଟାଟଅପ୍ କମ୍ପାନି ରେଡ୍ ୱିଙ୍ଗ୍। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରୁ ତୁମୁଡ଼ିବନ୍ଧ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଡ଼ିଥିଲା ଏହି ଅତ୍ୟାଧୁନିକ ଡ୍ରୋନ୍। କିଛି ଔଷଧ ଧରି ଏହି ଡ୍ରୋନ୍ ଉଡ଼ିଥିବା ବେଳେ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ଏହି ଅବସରରେ କହିଛନ୍ତି କନ୍ଧମାଳ ସାଂସଦ। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷା ସୁଶ୍ରୀ ନନ୍ଦିନୀ ମଲିକ, ଜିଲାପାଳ ଆଶୀଷ ଈଶ୍ୱର ପାଟିଲ୍, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ମନୋଜ କୁମାର ଉପାଧ୍ୟାୟଙ୍କ ସମେତ ରେଡ୍ ୱିଙ୍ଗ୍ ଓ ୟୁଏସ୍ ଏଡ଼ର କର୍ମକର୍ତ୍ତାଙ୍କ ସମେତ ଡିପିଏମ୍ ମନରଞ୍ଜନ ସାହୁ ଫୁଲବାଣୀ: ଦୁର୍ଗମ ଅଂଚଳରେ ଏଣିକି ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ୍ନ ହେବାକୁ ପଡ଼ିବ ନାହିଁ। ଜରୁରୀକାଳୀନ ପରିସ୍ଥିତିରେ ଦୁର୍ଗମ ଅଂଚଳରେ ରୋଗୀଙ୍କୁ ସେବା ଯୋଗାଇବ ଡ୍ରୋନ। କିଛି ଦିନ ଧରି ଚାଲିଥିବା ଏହି ଡ୍ରୋନ ପ୍ରୋଜେକ୍ଟର କାର୍ଯ୍ୟ ନିକଟରେ ପରୀକ୍ଷଣ ହୋଇଥିବା ବେଳେ ଗୁରୁବାର ଏହା ଆନୁଷ୍ଠାନିକ ଭାବେ ଜିଲାରେ ଆରମ୍ଭ ହୋଇଛି। ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ହୋଇଛି। କନ୍ଧମାଳ ଜିଲାର ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଉଡ଼ାଣ କରିଛି ଅତ୍ୟାଧୁନିକ ଡ୍ରୋନ୍। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆଜି କନ୍ଧମାଳ ସାଂସଦ ଡ.ଅଚ୍ୟୁତ ସାମନ୍ତ ଏହି ନୂତନ ସେବାର ଶୁଭାରମ୍ଭ କରିଛନ୍ତି। ଉତର ପୂର୍ବାଂଚଳକୁ ବାଦ୍ ଦେଲେ ସମଗ୍ର ଦେଶରେ ଏହା ପ୍ରଥମ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷ କରି ରାସ୍ତାଘାଟ ନଥିବା ଦୁର୍ଗମ ଅଂଚଳରୁ ରୋଗୀଙ୍କୁ ନୁମୁନା ସଂଗ୍ରହ କରିବା ସହିତ କମ୍ ସମୟ ମଧ୍ୟରେ ଜରୁରୀକାଳୀନ ଔଷଧ ଯୋଗାଇ ଦେବା ଉକ୍ତ ଡ୍ରୋନ୍। ସଂପୂର୍ଣ୍ଣଭାବେ ସ୍ୱୟଂଚାଳିତ ଏବଂ ବାତାନୁକୂଳିତ ଏହି ଡ୍ରୋନ୍ ସମୁଦ୍ର ପତନ ଠାରୁ ଏକ ହଜାର ମିଟର ଉଚ୍ଚରେ ତଥା ଘଣ୍ଟାକୁ ପ୍ରାୟ ୧୦୦ କିମି ବେଗରେ ଉଡ଼ିବାର କ୍ଷମତା ରହିଛି। ଆନ୍ତର୍ଜାତିକ ସଂସ୍ଥା ୟୁଏସ୍ ଏଡ଼ର ସହଯୋଗାରେ କନ୍ଧମାଳ ଜିଲାକୁ ଏଭଳି ତିନୋଟି ଡ୍ରୋନ୍ ଯୋଗାଇ ଦେଇଛି ବାଙ୍ଗାଲୁରୁର ଷ୍ଟାଟଅପ୍ କମ୍ପାନି ରେଡ୍ ୱିଙ୍ଗ୍। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରୁ ତୁମୁଡ଼ିବନ୍ଧ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଡ଼ିଥିଲା ଏହି ଅତ୍ୟାଧୁନିକ ଡ୍ରୋନ୍। କିଛି ଔଷଧ ଧରି ଏହି ଡ୍ରୋନ୍ ଉଡ଼ିଥିବା ବେଳେ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ଏହି ଅବସରରେ କହିଛନ୍ତି କନ୍ଧମାଳ ସାଂସଦ। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷା ସୁଶ୍ରୀ ନନ୍ଦିନୀ ମଲିକ, ଜିଲାପାଳ ଆଶୀଷ ଈଶ୍ୱର ପାଟିଲ୍, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ମନୋଜ କୁମାର ଉପାଧ୍ୟାୟଙ୍କ ସମେତ ରେଡ୍ ୱିଙ୍ଗ୍ ଓ ୟୁଏସ୍ ଏଡ଼ର କର୍ମକର୍ତ୍ତାଙ୍କ ସମେତ ଡିପିଏମ୍ ମନରଞ୍ଜନ ସାହୁ ଫୁଲବାଣୀ: ଦୁର୍ଗମ ଅଂଚଳରେ ଏଣିକି ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ୍ନ ହେବାକୁ ପଡ଼ିବ ନାହିଁ। ଜରୁରୀକାଳୀନ ପରିସ୍ଥିତିରେ ଦୁର୍ଗମ ଅଂଚଳରେ ରୋଗୀଙ୍କୁ ସେବା ଯୋଗାଇବ ଡ୍ରୋନ। କିଛି ଦିନ ଧରି ଚାଲିଥିବା ଏହି ଡ୍ରୋନ ପ୍ରୋଜେକ୍ଟର କାର୍ଯ୍ୟ ନିକଟରେ ପରୀକ୍ଷଣ ହୋଇଥିବା ବେଳେ ଗୁରୁବାର ଏହା ଆନୁଷ୍ଠାନିକ ଭାବେ ଜିଲାରେ ଆରମ୍ଭ ହୋଇଛି। ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ହୋଇଛି। କନ୍ଧମାଳ ଜିଲାର ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଉଡ଼ାଣ କରିଛି ଅତ୍ୟାଧୁନିକ ଡ୍ରୋନ୍। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆଜି କନ୍ଧମାଳ ସାଂସଦ ଡ.ଅଚ୍ୟୁତ ସାମନ୍ତ ଏହି ନୂତନ ସେବାର ଶୁଭାରମ୍ଭ କରିଛନ୍ତି। ଉତର ପୂର୍ବାଂଚଳକୁ ବାଦ୍ ଦେଲେ ସମଗ୍ର ଦେଶରେ ଏହା ପ୍ରଥମ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ଜୁନ୍ ୨୭ରେ ସମସ୍ତ ଜିଲ୍ଲାର ସଦର ମହକୁମାରେ ଟାଟା ପାୱାର ମୁଖ୍ୟ କାର୍ଯ୍ୟାଳୟ ଘେରିବ କଂଗ୍ରେସ

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ସାରା ରାଜ୍ୟରେ ଘଂଟା ଘଂଟା ଧରି ବିଦ୍ୟୁତ କାଟ୍ ଏବଂ ଅହେତୁକ ବିଦ୍ୟୁତ୍ ଦର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଜୁନ୍ ୨୭ ତାରିଖ (ମଙ୍ଗଳବାର ଦିନ) ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜିଲ୍ଲା ସଦର ମହକୁମାରେ ଥିବା ବିଦ୍ୟୁତ ଅଧିକାରୀଙ୍କ ମୁଖ୍ୟ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ ଘଟିକାରେ ଆରମ୍ଭ କରାଯିବ। ବିଦ୍ୟୁତ କାଟ୍ ବନ୍ଦ, ଗ୍ରାହକଙ୍କୁ ନିରବିଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ କରା ଯିବା ସହ ବିଦ୍ୟୁତ ଭିତିଭୂମିର ବିକାଶ ପାଇଁ ୨୦୧୦ ମସିହାରୁ ୨୦୨୨ ମସିହା ମଧ୍ୟରେ ଖର୍ଚ୍ଚ ହୋଇଥିବା ୧୫ ହଜାର କୋଟି ଟଙ୍କାର ଶ୍ୱେତପତ୍ର ସରକାର ତୁରନ୍ତ ପ୍ରକାଶ କରନ୍ତୁ ବୋଲି କଂଗ୍ରେସ ଦଳ ପକ୍ଷରୁ ଦାବି କରା ଯାଇଛି। ସେହିପରି ବିଦ୍ୟୁତ ଦେୟ ୟୁନିଟ୍ ପିଛା ୨ ଟଙ୍କା କୁ ହ୍ରାସ କରାଯାଉ ଏବଂ ବିଦ୍ୟୁତ ଦେୟ ପୈଠ ଏକ ନିର୍ଦ୍ଦିଷ୍ଟ ତାରିଖରେ କରାଯାଉ ଓ ପୂର୍ବ ବକେୟା ବିଲ୍ ଉପରେ ସୁଧ ସହ ଆଦାୟ ତୁରନ୍ତ ବନ୍ଦ କରାଯାଉ ବୋଲି ଦଳ ଦାବି କରିଛି। ଯଦି ଟାଟା ପାୱାର କୌଣସି ଜୋର ଜୁଲମ୍ ଗ୍ରାହକଙ୍କ ଉପରେ କରୁଛନ୍ତି ତୁରନ୍ତ ଆମକୁ ଜଣାନ୍ତୁ ବୋଲି ପ୍ରଦେଶ କଂଗ୍ରେସ ସଭାପତି ସ୍ପଷ୍ଟ ଭାବେ କହିଛନ୍ତି। ଓଡ଼ିଶାବାସୀ କଂଗ୍ରେସର ଏହି ଆନ୍ଦୋଳନରେ ସାମିଲ ହେବାକୁ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ନିବେଦନ କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି ଏକ ପ୍ରେସ୍ ବିବୃତିରେ ଜଣାଛନ୍ତି।

# ‘ଆମ ହସ୍ପିଟାଲ’ର ୯୩ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖୋଲିବ ‘ଆହାର’

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ‘ଆମ ହସ୍ପିଟାଲ’ ଖୋଲିବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୪୭ ହସ୍ପିଟାଲ ଏଥିରେ ସ୍ଥାନ ପାଇଛି। ତେବେ ୧୪୭ ହସ୍ପିଟାଲ ମଧ୍ୟରୁ ୫୪ଟି ହସ୍ପିଟାଲରେ ଆହାର କେନ୍ଦ୍ର ରହିଛି। ବଳକା ୯୩ଟି ହସ୍ପିଟାଲରେ ଆହାର କେନ୍ଦ୍ର ଖୋଲିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖିଛନ୍ତି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଚିକିତ୍ସା ପାଇଁ ହସ୍ପିଟାଲକୁ ଆସୁଥିବା ରୋଗୀଙ୍କ ସହାୟକମାନଙ୍କ ପାଇଁ ‘ଆହାର’ ବେଶ ସହାୟକ ହେଉଛି। ଆମ ହସ୍ପିଟାଲ ଅଧୀନରେ ହାତକୁ ନିଆଯାଇଥିବା ହସ୍ପିଟାଲ ମାନଙ୍କର ରୂପାନ୍ତରଣ କାର୍ଯ୍ୟକ୍ରମ ଆସନ୍ତା ସେପ୍ଟେମ୍ବର ୩୧ ତାରିଖ ସୁଦ୍ଧା ଶେଷ ହେବ। ତେଣୁ ଏସବୁ କେନ୍ଦ୍ରରେ ଆହାର କେନ୍ଦ୍ର ଖୋଲିବା ଉପରେ ବିଭାଗ ପକ୍ଷରୁ ଜୋର ଦିଆଯାଇଛି। ଏହାସହ ଆହାର କେନ୍ଦ୍ର ରବିବାରକୁ ବାଦ୍ ଦେଲେ ଅନ୍ୟ ୬ଦିନ ଖୋଲା ରହୁଛି। ମାତ୍ର ସରକାରୀ ହସ୍ପିଟାଲଗୁଡ଼ିକୁ ସପ୍ତାହର ସବୁଦିନ ରୋଗୀମାନେ ଚିକିତ୍ସା ପାଇଁ ଆସୁଥିବାରୁ ଆହାର କେନ୍ଦ୍ରକୁ ୭ଦିନ ଖୋଲିବା ଉପରେ ବିଚାର କରିବା ପାଇଁ ଶ୍ରୀମତୀ ପଣ୍ଡିତ କହିଛନ୍ତି।

# ହାତୀ ଆକ୍ରମଣରେ ୩ କେନ୍ଦୁପତ୍ର ଶ୍ରମିକ ଗୁରୁତର: ମେଡିକାଲରେ ଭର୍ତ୍ତି



ତେଲକୋଇ, ୨୨/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ବନାଞ୍ଚଳରେ ହାତୀ ପାଇଁ ମଣିଷ ଜୀବନ ବଳି ପଡୁଛି। ଜିଲ୍ଲାରେ ଏମିତି ପରିସ୍ଥିତି ହୋଇଛି ଯେ ସକାଳବେଳା ମଧ୍ୟ ବାହାରକୁ କାମରେ ଯିବା ମଧ୍ୟ ମୁସ୍କିଲ ହୋଇପଡ଼ିଛି। ରାତିପାହି ସକାଳ ହେବା ମାତ୍ରେ ଜିଲ୍ଲାର କେଉଁଠି ନା କେଉଁଠି ହାତୀ ଆକ୍ରମଣର ଘଟଣା ଘଟିଯାଉଛି। ପୁଣି ଆଜି ସକାଳୁ ହାତୀ ଆକ୍ରମଣରେ ୩ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଆଜି ସକାଳୁ ଶ୍ରମିକମାନେ ଗୋପିନାଥପୁର କେନ୍ଦୁପତ୍ର ଫଡିକୁ କାମ କରିବାକୁ ଯାଉଥିବା ବେଳେ ହାତୀ ହାବୁଡରେ ପଡିଯାଇଥିଲେ। କୁଣ୍ଢେଇହତା ଗ୍ରାମ ନିକଟରେ ସେମାନଙ୍କୁ ହାତୀ ଆକ୍ରମଣ କରିବା ଯୋଗୁଁ ୩ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସାଲାଗି ଆମ୍ବୁଲାନ୍ସ ଯୋଗେ ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲାରେ ପ୍ରାୟ ପ୍ରତିଦିନ ହାତୀ ପାଇଁ ମଣିଷ ଜୀବନ ବଳି ପଡୁଛି। ଜିଲ୍ଲାରେ ହାତୀ ଉପଦ୍ରବ ଏବଂ ହାତୀ ମଣିଷ ଲଢେଇ ଦିନକୁ ଦିନ ବଢିବାରେ ଲାଗିଛି। ହାତୀ ଆକ୍ରମଣରେ ଧନଜୀବନ ହାନୀ ହେବା ଘଟଣା ସଂପ୍ରତି ଚିନ୍ତାର ବିଷୟ ପାଲଟିଛି।

# ପୁଷ୍ଟି, ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ‘ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା’



ଭୁବନେଶ୍ୱର, ୨୨/୦୬ (ନି.ପ୍ର): କିଶୋରୀ (୧୫-୧୯ବର୍ଷ), ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ ସମେତ ଏସ୍‌ଏଏମ୍ (ଗମ୍ଭୀର ପୁଷ୍ଟିହୀନତା), ଏମ୍‌ଏଏମ୍ ଓ ଏସ୍ ?ୟୁଡବ୍ଲୁ ଶିଶୁମାନଙ୍କ ପୁଷ୍ଟିଗତ ଓ ସ୍ୱାସ୍ଥ୍ୟଗତ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା (ଏମ୍‌ଏସ୍‌ପିୱାଇ)କୁ କ୍ୟାବିନେଟ ଅନୁମୋଦନ ମିଳିଛି। ୨୦୨୩-୨୪ ଆର୍ଥିକ ବର୍ଷରୁ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହାସହ ଆସନ୍ତା ୫ବର୍ଷ ପାଇଁ ୩୩୫୪.୪୦ କୋଟି ବ୍ୟୟ ମଞ୍ଜୁର କରାଯାଇଛି। ଏହି ଯୋଜନାରେ ସମସ୍ତ ଜିଲ୍ଲାର କିଶୋରୀଙ୍କ ପୁଷ୍ଟିଗତ ଉନ୍ନତି ପାଇଁ ଅଣ୍ଡା, ଲଡୁ, ପୁଷ୍ଟିକର ସପ୍ଲିମେଣ୍ଟ ଯୋଗାଇ ଦିଆଯିବ। ଆଇସିଡିଏସ୍ ପ୍ରକଳ୍ପ ସ୍ତରରେ କିଶୋରୀ ମେଳା ଆୟୋଜନ କରାଯିବ। କିଶୋରୀ ବାଳିକାଙ୍କ ରକ୍ତହୀନତା ସ୍କ୍ରିନିଂ ଓ ଅନ୍ୟାନ୍ୟ ଆଇଇସି-ଏସ୍‌ବିସିସି କାର୍ଯ୍ୟକଳାପ ସଂଗଠିତ ହେବ। ଗର୍ଭବତୀ ମହିଳା ଓ ପ୍ରସୂତି ମା’ ଅତିରିକ୍ତ ଟେକ୍ ହୋମ ରାସନ ଆକାରରେ ଅଣ୍ଡା, ମିଲେଟ ଓ ପୁଷ୍ଟିକର ଖାଦ୍ୟ ପଦାର୍ଥ ଇତ୍ୟାଦି ଯୋଗାଇ ଦିଆଯିବ। ଏସ୍‌ଏଏମ୍, ଏମ୍‌ଏଏମ୍ ଓ ଏସ୍‌ୟୁଡବ୍ଲୁ ୬ବର୍ଷ ବୟସରୁ କମ୍ ଶିଶୁଙ୍କ ପାଇଁ ଅଗମେଣ୍ଟେଡ୍ ଟିଏଚ୍‌ଆର ଓ ଅଣ୍ଡା ଯୋଗାଇ ଦିଆଯିବ। ସେହିପରି ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନ, ଅନାଥାଶ୍ରମ, ଦୃଷ୍ଟିହୀନଙ୍କ ପାଇଁ ବିଦ୍ୟାଳୟ ଓ ଗୋଶାଳା ପରି ଅନୁଷ୍ଠାନମାନଙ୍କୁ ବାର୍ଷିକ ଖଜଣା ବାବଦର ଦେୟ ଧାର୍ଯ୍ୟ ହୋଇଛି। ସରକାରଙ୍କ ଦ୍ୱାରା ପ୍ରଣୀତ ନୀତି ଅନୁଯାୟୀ ବା ସରକାରଙ୍କ ସ୍ୱତନ୍ତ୍ର ଆଦେଶ ଅନୁଯାୟୀ ଧାର୍ଯ୍ୟ ପରିମାଣ ମୁତାବକ ସରକାରୀ ଜମି ଲିଜ ପ୍ରଦାନ କ୍ଷେତ୍ରରେ ଉକ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଖଜଣା ବାବଦରେ ବାର୍ଷିକ ଶହେ କୋଟି ପ୍ରତି ଏକର ଓ ସେସ୍ ବାବଦରେ ବାର୍ଷିକ ଖଜଣାର ୭୫ ପ୍ରତିଶତ ଦେୟ ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହାସହ ଗଞ୍ଜାମ ଜିଲ୍ଲାର କନିସି ତହସିଲ ଅଧୀନ ଶୀତଳପଲ୍ଲୀ ମୌଜାରେ ଟାଟା ଷ୍ଟିଲ ଦ୍ୱାରା ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ଯୋଗାଇ ଦିଆଯାଇଥିବା ୪୩.୦୫୦ ଏକର ସରକାରୀ ଜମି ବାବଦ ଭୂ-ରାଜସ୍ୱ, ସେସ୍ ଓ ବକେୟା ଉପରେ ସୁଧ ଛାଡ଼ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ଜମି ବାବଦରେ ଦେବାକୁ ଥିବା ଇନସିଡେଣ୍ଟାଲ ଚାର୍ଜ ଓ ଦଖଲ ଦିଆଯାଇଥିବା ଦିନଠାରୁ ଆଜି ପର୍ଯ୍ୟନ୍ତ ଲାଗୁ ହେଉଥିବା ବାର୍ଷିକ ଦେୟ ଛାଡ଼ କରାଯାଇଛି। ତେବେ ଟାଟା ଷ୍ଟିଲ ଉକ୍ତ ଜମିକୁ ଲିଜରେ ନେବା ପାଇଁ ବର୍ତ୍ତମାନଠାରୁ ରିହାତି ମୂଲ୍ୟରେ ଏକର ପ୍ରତି ଶହେ ଟଙ୍କା ହିସାବରେ ବାର୍ଷିକ ଭୂ-ରାଜସ୍ୱ ଓ ଭୂ-ରାଜସ୍ୱର ୭୫ ପ୍ରତିଶତ ହିସାବରେ ବାର୍ଷିକ ସେସ୍ ଦେବାକୁ ହେବ।

# ବର୍ଷାଜଳ ସଂଚୟ ପାଇଁ ପଥପ୍ରାନ୍ତ ନାଟକ

କେନ୍ଦ୍ରାପଡ଼ା, ୨୨/୦୬ (ନି.ପ୍ର): ବ୍ୟବହାର ଯୋଗ୍ୟ ଜଳସ୍ତର ଦିନକୁ ଦିନ କମି କମି ଯାଉଥିବା ବେଳେ ଏହାର ଭୟାବହତା କୁ ଉପଲବ୍ଧି କରି ଜନ ସାଧାରଣଙ୍କ ମଧ୍ୟରେ ଜଳ ସଂରକ୍ଷଣ ଓ ଜଳସ୍ତର ବୃଦ୍ଧି ପାଇଁ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଳ ସମ୍ପଦ ବିଭାଗ ଦ୍ୱାରା ‘ଛାତ’ ଯୋଜନା ଉପରେ ଆଧାରିତ ସଚେତନତା ମୂଳକ ପଥପ୍ରାନ୍ତ ନାଟକ ‘ଜଳ ହିଁ ଜୀବନ’ ଅନୁଷ୍ଠିତ ହୋଇଯାଇଛି। ଛାତ ଉପର ବର୍ଷା ଜଳକୁ ଅମଳ କରି ଭୂତଳ ଜଳ ପୁନ ଭରଣ କରିବା ଦ୍ୱାରା ଜଳସ୍ତର ବୃଦ୍ଧି ପାଇ ପାରିବ। ତିନି ମହଲା ପର୍ଯ୍ୟନ୍ତ କୋଠା ଥିବା ଘର ମାଲିକ ମାନେ ଏହି ଯୋଜନାରେ ସାମିଲ ହୋଇ ପାରିବେ। ସର୍ବ ନିମ୍ନ ୫୦୦ ବର୍ଗଫୁଟ ଛାତ ଓ ସର୍ବାଧିକ ୨୧୫୦ ବର୍ଗଫୁଟ ଛାତ ଆବଶ୍ୟକତା ରହିଛି। ଏଥିପାଇଁ ଖର୍ଚ୍ଚ ରାଶିର ୫୦ ଭାଗ ରିହାତି ବ୍ୟାଙ୍କ ଆକାଉଂଟକୁ ଯିବାର ବ୍ୟବସ୍ଥା ରହିଛି।

# ପ୍ରତିଶ୍ରୁତି ଦେଇ ଭୁଲିଗଲେ ସରକାର: ନବକୃଷ୍ଣ ଚୌଧୁରୀଙ୍କ ଘର ମରାମତି ନୋହିଲା



ଭୁବନେଶ୍ୱର, ୨୨/୦୬ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ବାସଗୃହକୁ ସୁରକ୍ଷିତ ରହିବ ନା ଭୁଶୁଡ଼ିଯିବ, ଏହି ପ୍ରଶ୍ନଟି ପୁଣି ଥରେ ଚର୍ଚ୍ଚାକୁ ଆସିଛି। ନେତା, ମନ୍ତ୍ରୀ, ପ୍ରଶାସକମାନେ ଏହି ଗୃହକୁ ସୁରକ୍ଷିତ ରଖିବା ଲାଗି ଯେତେ ସବୁ ଘୋଷଣା କରିଥିଲେ, ପ୍ରତିଶ୍ରୁତି ଦେଇଥିଲେ, ସେସବୁ କାର୍ଯ୍ୟାନ୍ୱୟନ ହୋଇନାହିଁ, ବରଂ ଗଣମାଧ୍ୟମ ରିପୋର୍ଟ ଭିତରେ ଯେମିତି ଅଟକିଯାଇଛି। ବିକୃତ ଫାଇବର ପ୍ରତିମୂର୍ତ୍ତି କ୍ଷେତ୍ରରେ ଯାହା, ସ୍ମାରକୀ ଗୃହର ସଂରକ୍ଷଣ କ୍ଷେତ୍ରରେ ସେୟା। ମାଟି କାନ୍ଥର ଚାଳଛପର ଘରଟି ଏବେ ଭୁଶୁଡ଼ିବା ଆଶଙ୍କାକୁ ଏଡ଼ାଇ ଦେଇ ହେଉନାହିଁ। ଅନୁଗୁଳ ବାଜିରାଉତ ଛାତ୍ରାବାସ ପରିସରରେ ଥିବା ଚାଳଘର ନବକୃଷ୍ଣ ଚୌଧୁରୀଙ୍କ କର୍ମସ୍ଥଳ ଥିଲା। ସେହି ମାଟି ଘରେ ୧୯୮୪ ଜୁନ୍‌ରେ ତାଙ୍କର ଦେହାନ୍ତ ହୋଇଥିଲା। ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ଯେଉଁ ଘରେ ରହୁଥିଲେ ସେଠାକୁ ସେମାନଙ୍କୁ ଭେଟିବା ପାଇଁ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ଦେଶ ବିଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଆସିଥିଲେ। ଏହି ମାଟି ଘରଟିକୁ ଜାତୀୟ ସ୍ମାରକୀରେ ପରିଣତ କରିବା ପାଇଁ ବର୍ଷ ବର୍ଷ ଧରି ଦାବି ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ କେନ୍ଦ୍ର କିମ୍ବା ରାଜ୍ୟ ସରକାର ଦାୟିତ୍ୱ ନେଇନାହାନ୍ତି। ବରଂ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ଚାଳ ଘରୁ ବର୍ଷା ହେଲେ ପାଣି ଗଳୁଥିବାରୁ ତାହା ଉପରେ କଳା ପଲିଥିନ ପକାଇ ପ୍ରଶାସନ ଚୁପ୍ ? ବସିଥିଲା। ଗତ ବିଧାନସଭା ଅଧିବେଶନ ସମୟରେ ଏ ପ୍ରସଙ୍ଗ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉଠାଇବା ପରେ ରାଜ୍ୟ ସରକାର ଚାରିଆଡ଼ୁ ସମାଲୋଚିତ ହୋଇଥିଲେ। ଠିକ୍ ସେହି ସମୟରେ ଗୋପବନ୍ଧୁ ପାର୍କରେ ନବକୃଷ୍ଣ ଚୌଧୁରୀଙ୍କ ସମେତ ୧୧ଜଣ ସଂଗ୍ରାମୀଙ୍କ ବିକୃତ ଫାଇବର ପ୍ରତିମୂର୍ତ୍ତି ଏହି ପ୍ରସଙ୍ଗକୁ ଅଧିକ ବିବାଦୀୟ କରି ପକାଇଥିଲା। ପରିସ୍ଥିତିର ଗମ୍ଭୀରତା ଲକ୍ଷ୍ୟ ରଖି ରାଜ୍ୟ ସଂସ୍କୃତି ବିଭାଗର ଏକ ଉଚ୍ଚସ୍ତରୀୟ ଦଳ ଅନୁଗୁଳ ଗସ୍ତ କରି ସରକାରୀ ଓ ବେସରକାରୀ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିଥିଲେ। ବାଜି ରାଉତ ଛାତ୍ରାବାସରେ ଥିବା ଏହି ଗୃହର ସଂରକ୍ଷଣ ସହିତ ତାହାକୁ ସ୍ମାରକୀ ଭାବେ ଘୋଷଣା କରିବା ଲାଗି ଯେତେ ଅର୍ଥ ଦରକାର ତାହା ଖର୍ଚ୍ଚ ହେବ ବୋଲି କୁହାଯାଇଥିଲା। ଏହାପରେ ଏକ ବିଶେଷଜ୍ଞ ଦଳ ସେଠାକୁ ଯାଇ ଘର ମାପଚୁପ କରିଥିଲା। ବିକୃତ ପ୍ରତିମୂର୍ତ୍ତିଗୁଡ଼ିକୁ ହଟାଇ ନୂଆ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଘୋଷଣା ହୋଇଥିଲା। ଏବେ କେବଳ ନବକୃଷ୍ଣଙ୍କ ପ୍ରତିମୂର୍ତ୍ତି ଭୁବନେଶ୍ୱରରେ ନିର୍ମାଣାଧୀନ ଥିବାବେଳେ ସ୍ମାରକୀ ଗୃହର ସଂରକ୍ଷଣ କଥା ଆଲୋଚନା ହେଉନାହିଁ। ବିଶିଷ୍ଟ ଗାନ୍ଧିବାସୀ ପ୍ରହଲ୍ଲାଦ ସିଂହ କହିଛନ୍ତି ଯେ ଅନୁଗୁଳସ୍ଥିତ ନବକୃଷ୍ଣ ଚୌଧୁରୀଙ୍କ ମାଟିଘରର ସଂରକ୍ଷଣ ଦିଗରେ ରାଜ୍ୟ ସରକାରୀ କେ ?ଣସି ବି ପଦକ୍ଷେପ ନେଇନାହାନ୍ତି। ଏ ପ୍ରସଙ୍ଗ ବିଧାନସଭାରେ ଉଠିବା ପରେ ମଧ୍ୟ ପ୍ରଶାସନ କାହିଁକି ଆନ୍ତରିକତା ଦେଖାଉ ନାହିଁ ତାହା ବୁଝା ପଡୁନାହିଁ। ଏମ୍‌ଡିଏନ୍‌ସି ଟ୍ରଷ୍ଟ ମାଧ୍ୟମରେ ଆମେ ମାଟି ଘରର ମରାମତି କରିବା ସହ ସଂରକ୍ଷଣ ଦିଗରେ କାର୍ଯ୍ୟକ୍ରମ ହାତକୁ ନେଉଛୁ।

# ମା’ ମଝିଘରିଆଣୀ ମନ୍ଦିରକୁ ବିନା ପ୍ରିମିୟମ୍‌ରେ ଜମି

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ରାୟଗଡ଼ା ଜିଲ୍ଲାର ମା’ ମଝିଘରିଆଣୀ ମନ୍ଦିରର ଭିତ୍ତିଭୂମି ବିକାଶ ନିମନ୍ତେ ରାଜ୍ୟ ସରକାର ବିନା ପ୍ରିମିୟମ୍ ଓ ବିନା ଇନ୍ସିଡେଣ୍ଟାଲ୍ ଚାର୍ଜରେ ୬.୩୦ ଏକର ଜମି ଲିଜ୍ ଆକାରରେ ଦେବେ। ମା’ ମଝିଘରିଆଣୀ ମନ୍ଦିର ପରିଚାଳନା ଟ୍ରଷ୍ଟକୁ ଏହି ଜମି ଦିଆଯିବ। ତେବେ ଟ୍ରଷ୍ଟକୁ ରିହାତି ଦରରେ ଏକର ପ୍ରତି ୧୦୦ ଟଙ୍କା ହିସାବରେ ବାର୍ଷିକ ଭୂ-ରାଜସ୍ୱ ଓ ଭୂ-ରାଜସ୍ୱର ୭୫ ପ୍ରତିଶତ ହିସାବରେ ବାର୍ଷିକ ସେସ୍ ଦେବାକୁ ପଡ଼ିବ। ଆଜି ଏ ସଂକ୍ରାନ୍ତୀୟ ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ସୂଚନାଯୋଗ୍ୟ ଯେ ରାୟଗଡ଼ା ତହସିଲ୍ ଅନ୍ତର୍ଗତ ରାମଚନ୍ଦ୍ରପୁର ମୌଜାରେ ଭାରତୀୟ ରେଳ ବିଭାଗ ଠାରୁ ସମାନ ପରିମାଣ ଓ ସମାନ ମୂଲ୍ୟର ଜମି ସହିତ ବଦଳ କରି ଏହି ଜମି ଅଣାଯାଇଛି।

# ଚାରିଟେବୁଲ ଟ୍ରଷ୍ଟ ସଂଯୁକ୍ତ ପକ୍ଷରୁ ରଥଦାଣ୍ଡରେ ଖାଦ୍ୟ ବଂଟନ

କେନ୍ଦ୍ରାପଡ଼ା, ୨୨/୦୬ (ନି.ପ୍ର): ପବିତ୍ର ରଥଯାତ୍ରା ଉପଲକ୍ଷେ ଚାରି ଟେବୁଲ ଟ୍ରଷ୍ଟ ସଂଯୁକ୍ତ ତରଫରୁ ଇଛାପୁର ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ଦେଖିବାକୁ ଆସିଥିବା ଭକ୍ତମାନଙ୍କୁ ଟଷ୍ଟ ତରଫରୁ ଦେୟମୁକ୍ତ ଖାଦ୍ୟ ପଦାର୍ଥ, ବିଭିନ୍ନ ପ୍ରକାର ସରବତ୍, ଦହି, ଲେମ୍ବୁ ପାଣି, ଗୋଲାପ ଜଳ ବଂଟନ କରାଯାଇ ଥିଲା। ଚଳଚିତ୍ର ଜଗତର ଶ୍ରଦ୍ଧା ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମ କୁ ଶୁଭାରମ୍ଭ କରିଥିବା ବେଳେ ଟ୍ରଷ୍ଟର ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

# ଶିଶୁଙ୍କ ପାଚନ ସମସ୍ୟା



ଖାଦ୍ୟ କିମ୍ବା ପାନୀୟକୁ ଠିକ୍ ଭାବରେ ହଜମ କରିନପାରିଲେ ପିଲାଏ ବାନ୍ତି କରିଥାନ୍ତି । ପେଟରେ ଗ୍ୟାସ୍ ହେବା କାରଣରୁ ସେମାନଙ୍କ ଛାତି ଜଳାପୋଡ଼ା ହୋଇଥାଏ । ଏଭଳି କ୍ଷେତ୍ରରେ ଅଧିକ ଦିନ ଘରୋଇ ଚିକିତ୍ସା ନ କରି ଜଣେ ଅଭିଜ୍ଞ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଅନେକ ସମୟରେ ଛୋଟ ଛୋଟ ପିଲାଙ୍କୁ କ୍ଷୀର ପିଆଇବା ପରେ କିମ୍ବା ଖାଦ୍ୟ ଖୁଆଇ ସାରିବା ପରେ ପିଲାଟି ବାନ୍ତି କରିପକାଏ । ପିଲାଟି ଏଭଳି କରିବା ପଛର କାରଣ ପାଚନ ବା ହଜମ ସମସ୍ୟା ସହିତ ଜଡ଼ିତ ହୋଇପାରେ । ଖାଦ୍ୟକୁ ଠିକ ଭାବରେ ହଜମ କରିବାର କ୍ଷମତା କମ କାରଣରୁ ପିଲାଟି ଅନେକ ସମୟରେ ବାନ୍ତି କରିଦେଇଥାଏ । ଅସଲ କଥା ହେଉଛି ପିଲାଙ୍କ ପାଚନତନ୍ତ୍ର ଦୁର୍ବଳ ହୋଇଯାଏ ଓ ଏହି କାରଣରୁ ପିଲାଟି ଗରିଷ୍ଠ ଖାଦ୍ୟକୁ ସହଜରେ ହଜମ କରିପାରେ ନାହିଁ । ଏହା ବ୍ୟତୀତ ଶିଶୁମାନେ ସାଧାରଣତଃ ମଇଦାରୁ ପ୍ରସ୍ତୁତ ଖାଦ୍ୟ, ସୋଡ଼ା, ଚକୋଲେଟ୍ ଇତ୍ୟାଦି ଜିନିଷ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । ଏସବୁ ଖାଦ୍ୟ ପିଲାଙ୍କ ପାଚନ ଶକ୍ତି କମ କରିଦେଇଥାନ୍ତି । ଶିଶୁମାନଙ୍କର ପାଚନ ସମସ୍ୟା ଉପୁଜିଲେ କ'ଣ ସବୁ ଲକ୍ଷଣ ଦେଖାଯାଏ ଏବଂ ଏହି ସମସ୍ୟାରୁ ସେମାନଙ୍କୁ କିଭଳି ମୁକ୍ତ କରିବେ ଜାଣିବା ଆସନ୍ତୁ ।



### ଖାଇବା ପରେ ବାନ୍ତି ହେବା :

ସାଧାରଣତଃ ଶିଶୁମାନେ କ୍ଷୀର ବା ସେହିଭଳି ଅନ୍ୟ ତରଳ ପଦାର୍ଥକୁ ଠିକ୍ ଭାବରେ ହଜମ କରି ନ ପାରି ବାନ୍ତି କରିଦେଇଥାନ୍ତି । ଏହା ବ୍ୟତୀତ ଶିଶୁଙ୍କଠାରୁ ବଡ଼ ପିଲାମାନେ ମଧ ଏଣୁତେଣୁ ଖାଦ୍ୟ,ଦୂଷିତ ଖାଦ୍ୟ, ବାସି ଅଥବା ସଢ଼ିଯାଇଥିବା ଖାଦ୍ୟ, ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଦ୍ୱାରା ଠିକ୍ ଭାବରେ ହଜମ କରିପାରନ୍ତି ନାହିଁ । ଫଳରେ ସେମାନେ ବାନ୍ତି କରନ୍ତି । କେବଳ ଯେ ଖାଦ୍ୟ ଉତ୍ତମ ଭାବରେ ହଜମ କରି ନ ପାରିଲେ ବାନ୍ତି ହୁଏ ତାହା ନୁହେଁ । ଅନେକ ସମୟରେ ଫୁଡ୍ ଇନଫେକସନ ବା ଖାଦ୍ୟ ସଂକ୍ରମଣ ଯୋଗୁଁ ମଧ ପିଲାଙ୍କଠାରେ ବାନ୍ତି ସମସ୍ୟା ଦେଖାଯାଏ । କିଛି ଖରାପ ଅଭ୍ୟାସ ଯଥା-ହାତ ନ ଧୋଇ ଖାଦ୍ୟ ଖାଇବା, ମାଛିବସା ଦୂଷିତ ଖାଦ୍ୟ ଖାଇବା, ମଇଳା ପାଣି ପିଇବା ଦ୍ୱାରା ମଧ ବଦହଜମି ହୋଇଥାଏ । ବାନ୍ତି ମଧ ହଇଜା ଭଳି ଦିନେ ଦୁଇ ଦିନ ମଧରେ ଠିକ୍ ହୋଇଯାଇଥାଏ । କିନ୍ତୁ ଯଦି ପିଲାଟି ଦିନେ ଦୁଇ ଦିନରୁ ଅଧିକ ବାନ୍ତି ସମସ୍ୟା ଭୋଗୁଛି, ତା' ହେଲେ ତୁରନ୍ତ ଜଣେ ଅଭିଜ୍ଞ ଶିଶୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।



### ଦୁର୍ଗନ୍ଧ ହାକୁଟି ଆସିବା :

ଯଦି ଆପଣଙ୍କ ପିଲାର ଛାତି ପୋଡୁଛି ଅଥବା ଦୁର୍ଗନ୍ଧ ହାକୁଟି ଆସୁଛି ତ ଜାଣିବାକୁ ହେବ, ତା'ର ଏସିଡିଟି ହୋଇଛି । ସାଧାରଣତଃ ଅସମୟରେ ଖାଇବା ଦ୍ୱାରା ଏସିଡିଟି ବା ଅମ୍ଳ ସମସ୍ୟା ଦେଖାଦେଇଥାଏ । ଏହା ବ୍ୟତୀତ ବିଳମ୍ବିତ ରାତିରେ ଖାଇବା, ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ମଧ ଏହି ସମସ୍ୟା ଉପୁଜିଥାଏ । ଏଭଳି ସମସ୍ୟାରୁ ମୁକୁଳିବା ପାଇଁ ହେଲେ ପିଲାଟିକୁ କମ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖୁଆନ୍ତୁ । ଏଭଳି କରିବା ଦ୍ୱାରା ଏସିଡିଟି ଦେଖାଦେଉଛି, ତା' ହେଲେ ଜଣେ ଅଭିଜ୍ଞ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

### ଡାଇରିଆର ଲକ୍ଷଣ :

ଯଦି ଶିଶୁଟି ଦିନରେ ତିନି ଥରରୁ ଅଧିକ ଥର ଝାଡ଼ା କରୁଛି ଏବଂ ତା' ସହିତ ତା'ର ବାନ୍ତି ହେଉଛି, ତେବେ ଏହା ଡାଇରିଆ ବା ହଇଜାର ଲକ୍ଷଣ ହୋଇପାରେ । ଡାଇରିଆ ବ୍ୟାକ୍ଟେରିଆ ଓ ଭାଇରସ୍ ଆଦି କାରଣରୁ ହୋଇଥାଏ । ଆଲର୍ଜି କାରଣରୁ ମଧ ବେଳେବେଳେ ଏଭଳି ହୋଇଥାଏ । ଡାଇରିଆର ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।



### ଅଧିକ ଗ୍ୟାସ୍ ହେବା :

ପେଟରେ ଗ୍ୟାସ୍ ହେବା ଏକ ପ୍ରାକୃତିକ ବା ସ୍ୱାଭାବିକ ପ୍ରକ୍ରିୟା । ସାଧାରଣତଃ ପିଲାମାନେ ନାନା ପ୍ରକାର ବାହାର ଜିନିଷ ଖାଇଥାନ୍ତି, ଯାହା ପେଟରେ ଅଧିକ ଗ୍ୟାସ୍ ଉତ୍ପନ୍ନ ହେବା କିମ୍ବା ବାରମ୍ବାର ଦୂଷିତ ବାୟୁ ଛାଡ଼ିବା ବଦହଜମିର ଲକ୍ଷଣ ହୋଇପାରେ । ଗ୍ୟାସ୍ ହେବା ଏକ ସାମାନ୍ୟ ପେଟରୋଗ । ସୋଡ଼ା, ଲେମ୍ବୁ କିମ୍ବା ପୁଦିନା ଭଳି ଘରୋଇ ଚିକିତ୍ସାରେ ଏହା ଭଲ ହୋଇଯାଇଥାଏ । ଯଦି ଏହି ସମସ୍ୟା ଅଧିକ ଦିନ ଲାଗିରହେ ବା ବଢ଼ିଯାଇ ଅଧିକ ପେଟ ଯନ୍ତ୍ରଣାର କାରଣ ହୁଏ, ତା' ହେଂଲେ ଡେରି ନ କରି ଜଣେ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

### ପେଟ ଯନ୍ତ୍ରଣା :

ପିଲାମାନଙ୍କଠାରେ ବ୍ୟାକ୍ଟେରିଆ ଓ ଭାଇରସ୍ ଖୁବ୍ ସହଜରେ ବ୍ୟାପି ଯାଇଥାଏ । ବିଶେଷକରି ତରକାରୀରେ ବ୍ୟବହୃତ ପନିପରିବା, ଭୋଜନରେ ସାମିଲ ଖାଦ୍ୟ ଶସ୍ୟ, ଶାଗ, ଫଳ ଆଦି ଭଲ ଭାବରେ ଧୁଆ ହୋଇନଥିଲେ ଏଭଳି ସମସ୍ୟା ଉପୁଜିବାର ଆଶଙ୍କା ଅଧିକ । ଖାଇବା ପୂର୍ବରୁ ପିଲାମାନେ ଭଲ ଭାବେ ହାତ ନ ଧୋଇବା ମଧ ଏହାର ଅନ୍ୟ ଏକ କାରଣ । ଏହା ବ୍ୟତୀତ ଗୋଟିଏ ଥାଳିରେ ଏକାଧିକ ସାଙ୍ଗ ମିଶି ଖାଦ୍ୟ ଖାଇଲେ ଜଣକ ହାତରେ ଥିବା ବ୍ୟାକ୍ଟେରିଆ ଭୋଜନରେ ମିଶିଥାଏ ଓ ସମସ୍ତେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ବାନ୍ତିବାନ୍ତି ମଧ କରିଥାନ୍ତି ।

# କେଶ ପାଇଁ ଚାଉଳପାଣି




ଚାଉଳ ଧୋଇବା ପରେ ପାଣିକୁ ଆମେ ଅଦରକାରୀ ଭାବି ଫୋପାଡ଼ି ଦେଉ । କିନ୍ତୁ ଚାଉଳର ପାଣି ଶରୀର ଓ କେଶ ପାଇଁ ଖୁବ୍ ହିତକାରୀ ହୋଇଥାଏ । ଯଦି ସୁନ୍ଦର ଓ ଘନ କେଶ ଆପରଙ୍କୁ ଦରକାର ତେବେ ଚାଉଳ ପାଣିର ଉପଯୁକ୍ତ ବ୍ୟବହାର କରନ୍ତୁ । ତେବେ ଜାଣନ୍ତୁ ଚାଉଳ ପାଣିର ଉପକାରୀ ଗୁଣ-

### କେଶ ଝଡୁଥିଲେ -

ଯଦି କେଶ ବାରମ୍ବାର ଝଡୁଛି କିମ୍ବା ଉପୁଡୁଛି ତେବେ ଚାଉଳ ପାଣି ମୁଣ୍ଡକୁ ମାଲିସ୍ କରନ୍ତୁ । ଦୁର୍ବଳ ଚର୍ମ ହେତୁ କେଶ ଝଡ଼ିବା ଆରମ୍ଭ କରିଥାଏ ତେଣୁ ଚାଉଳ ପାଣି ବ୍ୟବହାର କଲେ ଏମିନୋ ଏସିଡ୍, ଭିଟାମିନ୍, ମିନେରାଲସ ଆଦି ପ୍ରଚୁର ପରିମାଣରେ କେଶ ଉପୁଡ଼ିବାରୁ ରକ୍ଷା କରିଥାଏ । ଅଧିକ ପୋଷଣ ପାଇଁ ସେଥିରେ ଆଲମଣ୍ଡ, ଗୋଲାପ ଜଳ, ଲାଭେଣ୍ଡର କିମ୍ବା ଚାହା ଗଛର ତୈଳକୁ ମିଶାଇପାରିବେ ।

### କେଶ ରୁଖା ହୋଇଗଲେ-

କର୍ମମୟ ଜୀବନରେ ମାତ୍ରାଧିକ ପ୍ରଦୂଷଣ ରହିଥାଏ । ତେଣୁ ଚର୍ମ କୋଷ ଗୁଡ଼ିକ ମୃତ ହୋଇଯାଆନ୍ତି । ଆଉ ଶାମ୍ପୁ, କଣ୍ଡିଶନର, କୃତ୍ରିମ ତୈଳ କେଶର ଚମକକୁ ନଷ୍ଟ କରିଦିଏ । ଚାଉଳ ପାଣିରେ ମୁଣ୍ଡର ଚମଡାକୁ ମାଲିସ୍ କରିବା ଦ୍ୱାରା କେଶର ଚମକ ଫେରିଆସିଥାଏ ।

### ରୁପି ସମସ୍ୟା-

ଯଦି ରୁପି ସମସ୍ୟା ରହିଛି ତେବେ ଚାଉଳ ପାଣି ବ୍ୟବହାର କରିବା ଫଳଦାୟୀ ହୋଇଥାଏ । ରୁପି ଥିବା ଚର୍ମକୁ ଚାଉଳ ପାଣିରେ ଅଳ୍ପ ରିଠାଫଳ ପାଉଡର ମିଶାଇ ଲଗାଇଲେ ରୁପି ମାତ୍ରା କମିଯାଏ । ଯଦି ପ୍ରଦୂଷଣ ପାଇଁ କେଶ ନଷ୍ଟ ହେଉଛି ତେବେ ଛୋଟ ପିଆଜକୁ ନଡ଼ିଆ ତେଲରେ ଫୁଟାଇ କେଶରେ ଲଗାନ୍ତୁ । ପରେ ବେସନ ଓ ଚାଉଳ ପାଣି ମିଶ୍ରଣରେ ଧୋଇଦିଅନ୍ତୁ ।

### ନରମ କେଶ-

ଶାମ୍ପୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା କେଶ ସିଲ୍କ ଓ ସଫ୍ଟ ହେବା ପରିବର୍ତ୍ତେ ଦୁର୍ବଳ ହୋଇଯାଏ । ଚାଉଳପାଣି ମଧ୍ୟ ଶାମ୍ପୁ ପରି କାର୍ଯ୍ୟ କରିଥାଏ । ଚାଉଳପାଣିରେ ରିଠା ଫଳ, ଅଁଳା କିମ୍ବା କମଳା ଚେପା ଛଡ଼ାଇ ଲଗାଇବା ଦ୍ୱାରା ଶାମ୍ପୁ କିମ୍ବା କଣ୍ଡିଶନର ବ୍ୟବହାର କରିବା ଆବଶ୍ୟକ ନାହିଁ । କେଶ ମଜବୁତ ହେବା ସହ ଚମକ ମଧ୍ୟ ଫେରିଆସିଥାଏ ।

### କେଶର ଯତ୍ନ-

ଯଦି ସୁନ୍ଦର କେଶ ପାଇଁ ଖୁବ୍ ଯତ୍ନବାନ ତେବେ ଚାଉଳ ଧୁଆ ପାଣି ସହ ଚାଉଳ ବଟା ପ୍ରସ୍ତୁତ କରନ୍ତୁ । ସେହି ଚାଉଳ ବଟାରେ ୨-୩ଟି ବଡ଼ ଚାମଚ ମହୁ ମିଶାନ୍ତୁ । ମିଶ୍ରଣଟି ଭଲଭାବେ ଚର୍ମରେ ଲଗାନ୍ତୁ । ସେହିପରି ୫-୧୦ ମିନିଟ ଛାଡ଼ିଦେଇ ଧୋଇଦିଅନ୍ତୁ । ଏହା ଏକ ମ୍ୟାଜିକ୍ ରୂପେ କାର୍ଯ୍ୟ କରିଥାଏ ।

# ଡେନିମ୍ ଜ୍ୟାକେଟ



ଡେନିମ୍ ଜ୍ୟାକେଟକୁ ମହିଳାମାନେ ସାଧାରଣତଃ ଥଣ୍ଡା ଦିନରେ ପିନ୍ଧିବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଏହି ଜ୍ୟାକେଟକୁ କୌଣସି ଋତୁରେ ମଧ ଆପଣ ପିନ୍ଧିପାରିବେ । କାରଣ ଏହା ଆପଣଙ୍କୁ ପ୍ରତ୍ୟେକ ଷ୍ଟାଇଲ ସହିତ ମ୍ୟାଚ୍ କରି ଷ୍ଟାଇଲିସ୍ ଲୁକ୍ ଦେବ ।

### ଡେନିମ୍ ସହିତ ଡେନିମ୍ :

କ୍ଲାସିକ୍ ଡେନିମ ଜ୍ୟାକେଟକୁ ଆପଣ ବଡ଼ି ହରିଙ୍ଗ୍ ଟପ୍ ଓ ମ୍ୟାଚିଙ୍ଗ୍ କଲରର ଡେନିମ ଜିନ୍ସ ସହିତ ପିନ୍ଧି ପାରିବେ । ଏହା ଆପଣଙ୍କ ଫିଗରକୁ ସୁନ୍ଦର ଲାଗିବ । ଯଦି ଆପଣଙ୍କ ଉଚ୍ଚତା କମ ଥାଏ ତେବେ ଏହି ଲୁକକୁ ହାଇହିଲସ ବା ହିଲସ ଥିବା ବୁଟ୍ ସହିତ ପିନ୍ଧନ୍ତୁ, ଏଥିରେ ଆପଣଙ୍କ ଉଚ୍ଚତା ଲମ୍ବା ଦେଖାଯିବ ।

### ସ୍କର୍ଟ ସହିତ ଡେନିମ୍ :

ସର୍ଟ ପ୍ଲଟସବାଲା ସ୍କର୍ଟ ବା ଡେନିମ୍ ସ୍କର୍ଟ ପ୍ଲିଟସବାଲା ସ୍କର୍ଟ ବା ଟେନିମ୍ ସ୍କର୍ଟ ପିନ୍ଧନ୍ତୁ, ଏହା ସହିତ କଳା, ଧଳା ବା ଆପଣଙ୍କର କୌଣସି ପସନ୍ଦିତା ରଙ୍ଗର ଟପ୍ ପିନ୍ଧନ୍ତୁ । ଧ୍ୟାନ ରଖିବେ, ଆପଣଙ୍କ ଟପ୍ ଅଧିକ ଫ୍ରିଲବାଲା ଯେପରି ହୋଇ ନଥିବ ନ ହେଲେ ଏହି ଜ୍ୟାକେଟ୍ ସହିତ ଲୁକ୍ ଭଲ ଦେଖାଯିବ ନାହିଁ । ଏହି ଲୁକ୍ ସହିତ କାଜୁଆଲ ବୁଟ୍ସ ବା ସ୍ନିକରର୍ସ ପିନ୍ଧନ୍ତୁ ।

### ଓଭର ସାଇଜ ଜ୍ୟାକେଟ୍ ସହିତ ଡେନିମ :

ଡେନିମର ଷହନିମର୍ ଓଭର ସାଇଜ ଜ୍ୟାକେଟ୍ ଆପଣଙ୍କୁ ଭିତରେ କୌଣସି ପ୍ରକାରର ଟପ୍ ବା ଲେୟର ପିନ୍ଧିବାକୁ ଅପସନ ଦେଉଛି । ଯଦି ଆପଣ ଫ୍ରିଲ ବା ଲେୟର୍ସବାଲା ଟପ୍ ପିନ୍ଧୁଛନ୍ତି ତେବେ ଏହି ଜ୍ୟାକେଟ୍ ତାର ଲୁକ୍କୁ ଖରାପ କରିବ ନାହିଁ ।



# ରାଜସ୍ଥାନୀ ପକୋଡ଼ା କଢ଼ି

ପକୋଡ଼ା କଢ଼ି ରାଜସ୍ଥାନର ଏକ ପାରମ୍ପରିକ ଖାଦ୍ୟ । ପକୋଡ଼ା କଢ଼ି ଅନ୍ୟାନ୍ୟ ରାଜ୍ୟରେ ମଧ ପ୍ରସ୍ତୁତ କରାଯାଇଥାଏ । ତେବେ ରାଜସ୍ଥାନୀ ପକୋଡ଼ା କଢ଼ିର ସ୍ୱାଦ ଟିକେ ଭିନ୍ନ । କାରଣ ଏଥିରେ ସାଧାରଣତଃ ପିଆଜ, ରସୁଣର ବ୍ୟବହାର ହୋଇନଥାଏ । ବେସନ ଓ ଦହିରେ ପ୍ରସ୍ତୁତ ହେଉଥିଲେ ମଧ ଏହାର ସ୍ୱାଦ ଅଲଗା ହେବାର କାରଣ ହେଉଛି ଏଥିରେ ମିଶୁଥିବା ମସଲା ରାଜସ୍ଥାନୀ ପକୋଡ଼ା କଢ଼ିରେ କୁକୁକୁରିଆ ପକୋଡ଼ା ମିଶଯାଇଥିବାରୁ ଏହାର ସ୍ୱାଦଦ ମଧ ଭଲ ଲାଗେ । ଏହାକୁ ଭାତ, ରୁଟି, ପରଟା, ପୁରି ଆଦ ସହିତ ଖିଆଯାଇଥାଏ । ଯେହେତୁ ରାଜସ୍ଥାନରେ ପାଣି ଆଭାବ ଅଧିକ ତେଣୁ ଲୋକମାନେ ସାଧାରଣତଃ ଅଳ୍ପ ପାଣି ଦରକାର ହେଉଥିବା ବ୍ୟଞ୍ଜନ ପ୍ରସ୍ତୁତ କରିଥାଆନ୍ତି । ପାଣି ଜାଗାରେ ଦହିର ବ୍ୟବହାର ଟିକେ ଅଧିକ ହୋଇଥାଏ । ତେବେ ଆସନ୍ତୁ ଜାଣିବା ରାଜସ୍ଥାନୀ ପକୋଡ଼ା କଢ଼ି କିଭଳି ପ୍ରସ୍ତୁତ ହୋଇଥାଏ ।

### ପ୍ରସ୍ତୁତି :

ପ୍ରଥମେ ପକୋଡ଼ା ବା ପକୁଡ଼ି ତିଆରି କରିବା ପାଇଁ ବେସନ ୧ କପ୍, କଟା ଧନିଆ ପତ୍ର ୨ ଟେବଲ ଚାମଚ, ହଳଦୀ ଚଉଠେ ଚାମଚ, ଟିପେ ବେକିଂ ସୋଡ଼ା, ଜୀରା ୧ ଚା ଚାମଚ, ଦେଢ଼ ଚା-ଚାମଚ କଟା କଞ୍ଚାଲଙ୍କା, ଲୁଣ ସ୍ୱାଦ ଅନୁସାରେ, ଛାଣିବା ପାଇଁ ରିଫାଇନ ତେଲ । ରିଫାଇନ ତେଲକୁ ଛାଡ଼ି ସବୁ ଜିନିଷକୁ ଏକାଠି କରି ଅଳ୍ପ ପାରି ଦେଇ ଏକ ବହଳିଆ ଘୋଳି ପ୍ରସ୍ତୁତ କରନ୍ତୁ । ଏହାପରେ ତେଲ ଗରମ କରି ମଧମ ଆଞ୍ଚରେ କୁକୁକୁରିଆ ପକୁଡ଼ି ଛାଣି ଅଲଗା ରଖନ୍ତୁ । ଏହାପରେ ପ୍ରସ୍ତୁତ କରନ୍ତୁ କଢ଼ି । କଢ଼ି ପ୍ରସ୍ତୁତ ପାଇଁ ଦହି ୨ କପ୍, ବେସନ୍ ୨ ଟେବଲ୍ ଚାମଚ, ହଳଦୀ ପାଉଡର ଚଉଠେ ଚାମଚ, ଲୁଣ ସ୍ୱାଦ ଅନୁସାରେ, ୧ ଟେବଲ ଚାମଚ ତେଲ, ଡାଲଚିନି ୧ ଟିକୁରା, ଲବଙ୍ଗ ୨ଟା, କାଶ୍ମିରୀ ଲଙ୍କା



୨ଟା, ପାନମହୁରୀ ଅଧ ଚାମଚ, ଗୋଟା ଧନିଆ ଅଧା ଚାମଚ, ଜୀରା ଅଧ ଚାମଚ, ମେଥି ଦାନା ଚଉଠେ ଚାମଚ, ଅଦା କଟା ଅଧ ଚାମଚ, ଭୁର୍ସୁଙ୍ଗ ପତ୍ର ଅଳ୍ପ, ଅଧ ଚାମଚ ଲଙ୍କା ଗୁଣ୍ଡ । କଢ଼ି ତିଆରି କରିବା ପାଇଁ ପ୍ରଥମେ ଦହି, ବେସନ, ହଳଦି, ଲୁଣ ଏବଂ ୨ କପ୍ ପାଣିକୁ ଏକାଠି ଏକ ପାତ୍ରରେ ଗୋଳାନ୍ତୁ । ଦରକାର ହେଲେ ସାମାନ୍ୟ ଅଧିକ ପାଣି ମିଶାଇ ପାରନ୍ତି । ଏହାପରେ ଏକ ପ୍ୟାନରେ ତେଲ ଗରମ କରି ସେଥିରେ ଡାଲଚିନି, ଲବଙ୍ଗ, ଶୁଖିଲା ଲଙ୍କା, ପାନମହୁରି, ଗୋଟା ଧନିଆ, ଜୀରା, ମେଥି ଦାନା, କଟା ଅଦା, ଭୁର୍ସୁଙ୍ଗ ପତ୍ର ଏବଂ ଲଙ୍କାଗୁଣ୍ଡ ପକାଇ ମଧମ ଆଞ୍ଚରେ ଫୁଟଣ କରି ଆଞ୍ଚ ବନ୍ଦ କରି ସେଥିରେ ଦହି ଓ ବେସନର ମିଶ୍ରଣକୁ ମିଶାଇ ଭଲ କରି ଗୋଳାଇ ଦେବେ । ଏହାପରେ ପୁଣି ଥରେ ଗ୍ୟାସ ଅନ୍ କରି ଧିମା ଆଞ୍ଚରେ ଏହି ଘୋଳକୁ ଏକ ଚାମଚ ସାହାଯ୍ୟରେ ଘାଣ୍ଟିବେ । ଦେଖିବେ ଟିକେ ବହଳିଆ ହୋଇଆସିଲେ ବେସନର କଞ୍ଚାପଣ ଚାଲିଯିବ । ଏହାପରେ ଆଞ୍ଚ ବନ୍ଦ କରିଦେବେ । ପରିବେଷଣ କଲା ପୂର୍ବରୁ ଏହି କଢ଼ିରେ ଆଗରୁ ଛାଣି ରଖିଥିବା ପକୋଡ଼ା ମିଶାଇ ଦେବେ । ପ୍ରସ୍ତୁତ ହୋଇଗଲା ରାଜସ୍ଥାନୀ ପକୋଡ଼ା କଢ଼ି । ଏହି ଖାଦ୍ୟରେ ପୁଷ୍ଟିସାରର ପରମାଣ ଯଥେଷ୍ଟ ଅଧିକ । ସ୍ୱାସ୍ଥ୍ୟ ପାଇଁ ଏହି କଢ଼ି ଉପାଦେୟ । ଶୀତଦିନେ ଅନେକ ଲୋକ ଦହି ଖାଆନ୍ତି ନାହିଁ । କିନ୍ତୁ ଦହିରେ ବେସନ ମିଶାଇ ଏଭଳି ସ୍ୱାଦିଷ୍ଟ କଢ଼ି ପ୍ରସ୍ତୁତ କରାଯାଇପାରିବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୁଇ ବୃହତ୍ ଶକ୍ତିର କନ୍ଦଳ...

ଚଳିତ ସପ୍ତାହରେ ଯୁକ୍ତରାଷ୍ଟ୍ର ଆମେରିକାର ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଆଣ୍ଟୋନୀ ବ୍ଲିକେନ୍‌ଙ୍କ ବେଜିଂ ଗସ୍ତ ଦୁଇ ଦେଶ ଅର୍ଥାତ୍ ଆମେରିକା ଓ ଚୀନ୍ ମଧ୍ୟରେ ସମ୍ପର୍କରେ ସୁଧାର ଆଣିବାର ଆଶା ସୃଷ୍ଟି କରିଛି, ଯାହା ବାସ୍ତବ ପକ୍ଷେ ବହୁ ଆକାଂକ୍ଷିତ ଥିଲା। ୨୦୧୮ ପରେ ଚୀନ୍‌କୁ ଏହା ହେଉଛି ଯେ କୌଣସି ପ୍ରଥମ ଆମେରିକୀୟ ଷ୍ଟେଟ୍ ସେକ୍ରେଟାରୀଙ୍କ ଗସ୍ତ । ଏହି ଗସ୍ତ କାଳରେ ଶ୍ରୀଯୁକ୍ତ ବ୍ଲିକେନ୍ ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କୁ ସାକ୍ଷାତ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରେ ସମ୍ପର୍କରେ ସ୍ଥିରତା ରକ୍ଷା କରାଯିବାକୁ ଆଲୋଚନା ହୋଇଛି, ଯେଉଁଥିରେ ଉଭୟ ପକ୍ଷ ରାଜି ହୋଇଥିବା ଜଣାପଡ଼ିଛି । ଶ୍ରୀଯୁକ୍ତ ଜି ଶ୍ରୀଯୁକ୍ତ ବ୍ଲିକେନ୍‌ଙ୍କୁ କହିଥିଲେ ଯେ ସମଗ୍ର ବିଶ୍ୱ ସେମାନଙ୍କ ମଧ୍ୟରେ ସମ୍ପର୍କରେ ଦେଖା ଦେଇଥିବା ଅବସ୍ଥାକୁ ନେଇ 'ଚିନ୍ତିତ' ଥିଲେ ଏବଂ ସମସ୍ତେ 'ଦୁଇ ଦେଶଙ୍କ ମଧ୍ୟରେ କୌଣସି ପ୍ରକାରର ଦ୍ୱନ୍ଦ୍ୱ ବା ମୁହାଁମୁହିଁ ସୃଷ୍ଟି ହେବା ଚାହାନ୍ତି ନାହିଁ ।' ଏହାପରେ ଶ୍ରୀଯୁକ୍ତ ବ୍ଲିକେନ୍ କହିଛନ୍ତି ଯେ 'ଆମେ ଉଭୟ ଆମର ସମ୍ପର୍କରେ ସ୍ଥିରତା ରକ୍ଷା କରିବାକୁ ରାଜି ହୋଇଛୁ।' ଗତ କିଛି ବର୍ଷ ହେବ ଉଭୟ ରାଷ୍ଟ୍ର ପରସ୍ପରକୁ ଶତ୍ରୁତାପୂର୍ଣ୍ଣ ଦୃଷ୍ଟିରେ ଦେଖି ଆସିବା ସହିତ ସଦା ସର୍ବଦା ମୁକାବିଲାମୂଳକ ମନୋଭାବ ପୋଷଣ କରି ଆସିଥିବା ଦୃଷ୍ଟିରୁ ଏହି ଦୁଇ ନେତାଙ୍କ ମଧ୍ୟରେ ସମ୍ପ୍ରତି ଆଂଶିକ ଭାବରେ ହେଲେ ସୁଦ୍ଧା ସୁସମ୍ପର୍କ ବଜାୟ ରଖୁବାକୁ ସହମତି ପ୍ରକାଶ ପାଇବା ଶ୍ରୀଯୁକ୍ତ ବ୍ଲିକେନ୍‌ଙ୍କ ଚୀନ୍ ଗସ୍ତର ଏକ ସକାରାତ୍ମକ ଅଗ୍ରଗତି ବୋଲି କୁହାଯାଇପାରେ । ଚୀନ୍‌ର ଗ୍ରେଟ୍ ହଲ୍ ଅଫ୍ ପିପଲ୍‌ରେ ଶ୍ରୀଯୁକ୍ତ ଜି ଶ୍ରୀଯୁକ୍ତ ବ୍ଲିକେନ୍‌ଙ୍କୁ ଭେଟିବାର ପ୍ରତୀକବାଦଠାରୁ ଏହି ବାର୍ତ୍ତା ଅଧିକ ବଡ଼ ବୋଲି ମନେହୁଏ, ଯଦିଓ ଚୀନ୍ ପୁଣିଥରେ ଏକଥା ସ୍ପଷ୍ଟ କରି ଦେଇଛି ଯେ ତାଇୱାନ୍‌କୁ ନେଇ ଏହାର ସ୍ଥିତି ସମେତ ଅନ୍ୟାନ୍ୟ ସୁରକ୍ଷା ପ୍ରସଙ୍ଗ ସମୂହ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣାର ବାହାରେ ରହିଛି, ଅର୍ଥାତ୍ ଏସବୁ ପ୍ରସଙ୍ଗରେ ସେମାନଙ୍କ ମଧ୍ୟରେ କୌଣସି ପ୍ରକାରର ଆଲୋଚନା ହୋଇନାହିଁ । ତେବେ ଫେବ୍ରୁଆରୀ ମାସରେ ଶ୍ରୀଯୁକ୍ତ ବ୍ଲିକେନ୍‌ଙ୍କ ଚୀନ୍ ଗସ୍ତ ବାତିଲ ହେବା ପରେ ଏବଂ ଆମେରିକା ଆକାଶରେ ଉଡୁଥିବା ଚୀନ୍‌ର 'ଗୁଇନ୍ଦା ବେଲୁନ୍'କୁ ଆମେରିକା ଗୁଳି କରି ଖସାଇ ଦେବାକୁ ନେଇ ଯେଉଁ ବିଦ୍ୱେଷ ଭାବ ପ୍ରକାଶ ପାଇଥିଲା, ସେସବୁ ଦୃଷ୍ଟିରୁ ସାମ୍ପ୍ରତିକ ଗସ୍ତ ଏକ ସଫଳ ଗସ୍ତ ଭାବରେ ବିବେଚିତ ହେବା ସ୍ୱାଭାବିକ । ଶ୍ରୀଯୁକ୍ତ ବ୍ଲିକେନ୍ ଯେମିତି କହିଛନ୍ତି, ତାଙ୍କ ଗସ୍ତର ଉଦ୍ଦେଶ୍ୟ ଥିଲା, 'ଯୋଗାଯୋଗର ଉଚ୍ଚ-ସ୍ତରୀୟ ଆହ୍ୱାନଗୁଡ଼ିକୁ ସୁଦୃଢ଼ କରିବା, ପରସ୍ପର ସହିତ ଅସହମତ ହେବାର କ୍ଷେତ୍ରଗୁଡ଼ିକରେ ସେମାନଙ୍କର ସ୍ଥିତି ଏବଂ ଉଦ୍ଦେଶ୍ୟଗୁଡ଼ିକୁ ସ୍ପଷ୍ଟ ଭାବରେ ଆଲୋଚନା କରିବା' ଏବଂ କିଛି କ୍ଷେତ୍ର ବାହାର କରିବା, ଯେଉଁସବୁରେ 'ଆନ୍ତର୍ଜାତିକ ସ୍ତରର ଆହ୍ୱାନଗୁଡ଼ିକ ଭାବରେ ଉଭୟ ମିଶି କାର୍ଯ୍ୟ କରି ପାରିବେ ।' ଉଲ୍ଲେଖଯୋଗ୍ୟ ଯେ ଶ୍ରୀଯୁକ୍ତ ୱାଙ୍ଗ୍ ୟ ହେଉଛନ୍ତି ଚୀନ୍‌ର ବିଦେଶ ନୀତି ଉପରେ ଏକ ବଳିଷ୍ଠ ସ୍ୱର ଏବଂ ଶ୍ରୀଯୁକ୍ତ ଜିଙ୍କର ଘନିଷ୍ଠ ସହଯୋଗୀ। ତେବେ ଶ୍ରୀଯୁକ୍ତ ବ୍ଲିକେନ୍ ଯେତେବେଳେ ଖୋଲାଖୋଲି ସାମରିକ-ରୁ-ସାମରିକ ଭାବ ବିନିମୟ କଥା ଉଠାଇଲେ, ଚୀନ୍ ସେତେବେଳେ ଏହା ଉପରେ କୌଣସି ପ୍ରକାରର ଆଲୋଚନା ନ କରିବା ପାଇଁ 'କାନ୍ଥ' ଉଠାଇ ଦେଇଥିଲା । ଏହା ଅବଶ୍ୟ ସୁଖର କଥା ଯେ ଦୁଇଗୋଟି ମହାଶକ୍ତିଙ୍କ ମଧ୍ୟରେ ଶୀର୍ଷସ୍ତରୀୟ ବୈଠକ ୨୦୨୨ ଫେବ୍ରୁଆରୀରେ ରୁଷିଆ ଦ୍ୱାରା ୟୁକ୍ରେନ୍ ବିରୁଦ୍ଧରେ ଯୁଦ୍ଧ ଏବଂ କୋରିଆର ବେଖାତିର ମନୋଭାବ ତଥା ଜିନ୍‌ଜିଆଙ୍ଗ୍, ତିବ୍ବତ ଏବଂ ହଂକଂରେ ଚୀନ୍‌ର ମାନବିକ ଅଧିକାରଗୁଡ଼ିକର ଉଲ୍ଲଙ୍ଘନ କରାଯିବା ଭଳି ଗୁରୁତର ପ୍ରସଙ୍ଗଗୁଡ଼ିକ ପରିପ୍ରେକ୍ଷୀରେ ସମ୍ପାଦନ ହେବା ଅବଶ୍ୟ ବିଶ୍ୱ ବକ୍ଷରେ ଉତ୍ତେଜନାକୁ ହ୍ରାସ କରିବା କ୍ଷେତ୍ରରେ ସହାୟକ ହେବ । ଏହାଦ୍ୱାରା ଚଳିତ ବର୍ଷର ଉତ୍ତରାର୍ଦ୍ଧରେ ଯଦି ଆମେରିକା ଏବଂ ଚୀନ୍ ରାଷ୍ଟ୍ରପତିଙ୍କ ମଧ୍ୟରେ ବୈଠକ ସମ୍ଭବପର ହେବ ବୋଲି ଯାହା କୁହାଯାଉଛି, ତାହା ଯଦି ବାସ୍ତବତାରେ ପରିଣତ ହୁଏ, ତେବେ ସମଗ୍ର ବିଶ୍ୱ ପାଇଁ କିଛି ମଙ୍ଗଳକର ବାର୍ତ୍ତା ମିଳିବା ସହଜ ହେବ। ବସ୍ତୁତଃ, ଏହି ବୈଠକ ଦୁଇ ମହାଶକ୍ତିଙ୍କ ମଧ୍ୟରେ ଜମାଟ ବାନ୍ଧିଥିବା ଦ୍ୱେଷର ଦାନାକୁ ତରଳାଇବାରେ ସମର୍ଥ ହେବ ବୋଲି ସକାରାତ୍ମକ ଆଶାଟିଏ ପୋଷଣ କରାଯାଇପାରେ । ସମଗ୍ର ବିଶ୍ୱ ଯେତେବେଳେ ୟୁକ୍ରେନ୍ ଯୁଦ୍ଧକୁ ନେଇ ଚିନ୍ତାରେ ବୁଡ଼ି ରହିଛି, ସେ ସମୟରେ ବୈଶ୍ୱିକ ଅସ୍ତ୍ରଶସ୍ତ୍ରର ନିୟନ୍ତ୍ରଣ, ନିର୍ଦ୍ଦିଷ୍ଟ ଭାବରେ ଆଣବିକ ଅସ୍ତ୍ରଗୁଡ଼ିକୁ ନିୟନ୍ତ୍ରଣ କରିବାରେ ଏଆଇକୁ ମୁତୟନ କରାଯିବା ଉପରେ ଅଙ୍କୁଶ ଲଗାଯିବା ସମ୍ପର୍କିତ ଆଲୋଚନା କରାଯିବା ଆପାତତଃ ଅବାସ୍ତବ ମନେହୁଏ। ୨୦୨୪ରେ ଆମେରିକାରେ ନିର୍ବାଚନ ହେବାକୁ ଯାଉଥିବାରୁ ଆମେରିକା-ଚୀନ୍ ସମ୍ପର୍କରେ ପରିବର୍ତ୍ତନ ଦେଖାଦେବାର ଆଶା ରହିଛି । ଆହୁରି ମଧ୍ୟ ଆଶାର ଏକ କିରଣ ଉଦ୍ରେକ ହୋଇଥାଏ ଯେ ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ ସମ୍ପ୍ରତି ଯେଉଁଭଳି ତୀବ୍ର ପ୍ରତିଯୋଗିତା ଦେଖା ଯାଉଛି, ସେଥିରେ ଆଗାମୀ ସମୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ବର୍ତ୍ତମାନ ସମୟରେ ଏ ଦୁଇ ରାଷ୍ଟ୍ର ନିଜକୁ ଯେମିତି ଭାବରେ ଉପସ୍ଥାପନ କରନ୍ତୁ ନା କାହିଁକି, ଚୀନ୍‌କୁ ନିଜର ଅର୍ଥନୀତିକୁ କଠୋର କଟକଣା ଭିତରେ ରଖିବାକୁ ପଡୁଛି ଏବଂ ଆମେରିକା ମଧ୍ୟ ଚୀନ୍‌ର ସହଯୋଗର ଅପେକ୍ଷା କରୁଛି । ତେଣୁ ଆଶା କରାଯାଇପାରେ ଯେ ଭବିଷ୍ୟତରେ ଏ ଦୁଇ ରାଷ୍ଟ୍ର ପାରସ୍ପରିକ ବିଦ୍ୱେଷ ଭାବକୁ ପରିହାର କରି ବିଶ୍ୱର ମଙ୍ଗଳ ପାଇଁ କାର୍ଯ୍ୟ କରିବେ ଏବଂ ସମ୍ଭବତଃ ୟୁକ୍ରେନ୍ ବିରୋଧୀ ଯୁଦ୍ଧରୁ ରୁଷିଆକୁ ଓ ହରିବାକୁ ଏହା ଅନୁପ୍ରେରିତ କରିପାରେ ।



## ଗରିବଙ୍କ ସଂଖ୍ୟାକୁ ନେଇ ବିରୋଧାଭାସ

ଗୋପାଳ ମହାପାତ୍ର

ଆମ ଦେଶର ଅର୍ଥବ୍ୟବସ୍ଥା ଦୃତଗତିରେ ବଢୁଛି । ଦେଶ ସବୁ କ୍ଷେତ୍ରରେ ନୂଆ ନୂଆ ଉପଲବ୍ଧି ହାସଲ କରୁଛି । କିନ୍ତୁ ସବୁ ପରେ ମଧ ଦେଶରୁ ଦାରିଦ୍ର୍ୟ ହଟାଇବା ଦିଗରେ କୌଣସି ଠୋସ୍ ଫର୍ମୁଲା ଆମ ପାଖରେ ନାହିଁ । ବିଗତ ୭୫ବର୍ଷ ମଧ୍ୟରେ ଅନେକ ଦଳ ଦେଶର ଶାସନ ଗାଦିରେ ବସିଛନ୍ତି । ସମସ୍ତେ ଦାରିଦ୍ର୍ୟ ଦୂରୀକରଣ କଥା କହିଛନ୍ତି । ଅବସ୍ଥା କିଛି ମାତ୍ରାରେ ସୁଧୁରିଥିଲେ ମଧ ଦାରିଦ୍ର୍ୟ ଦୂରୀକରଣ ଏକ ପ୍ରମୁଖ ସମସ୍ୟା ଭାବେ ରହିଛି । ଅନେକ ସମୟରେ ଚର୍ଚ୍ଚା ହୁଏ ଯେ ଦେଶରୁ ଦାରିଦ୍ର୍ୟ ହଟିଛି ନା ବଢ଼ିଛି? ଏ ପ୍ରସଙ୍ଗକୁ ନେଇ ଅନେକ ତର୍ଜମା ମଧ କରାଯାଉଛି, କିନ୍ତୁ ଦେଶର ଜନସାଧାରଣ ମଧ ପ୍ରକୃତ କଥା ଜାଣିବା ଉଚିତ୍ ଯେ ଦେଶରୁ ଦାରିଦ୍ର୍ୟକମିଛି ନା ବଢ଼ିଛି ଓ ଯଦି କମିଛି କେତେ କମିଛି? କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ରାଜସ୍ଥାନର ଆଜମିର ଠାରେ ଏକ ଜନସମାବେଶରେ କହିଥିଲେ ଯେ ଦେଶରୁ ଅତି ଗରୀବଙ୍କ ସଂଖ୍ୟା କମିଛି । ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏହି କଥାକୁ ବିରୋଧି ଦଳ ରାଜନୈତିକ ଭାଷଣର ଆଖ୍ୟା ଦେଇଛନ୍ତି । କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ଯେତେବେଳେ ସାର୍ବଜନୀନ ଭାବେ (ସାଧାରଣ ସଭାରେ) ଏକଥା କହିଛନ୍ତି ସେତେବେଳେ ତାଙ୍କ କଥାର ଆଧାର/ସତ୍ୟତା ନିଶ୍ଚୟ ଥିବ । ୧୯୭୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ' ସ୍ଲୋଗାନ ଦେଇ ନିର୍ବାଚନ ଜିଣିଥିଲେ। ତା ପରଠାରୁ ଯିଏ ସରକାରକୁ ଆସିଛନ୍ତି ସେଇ ଏକକଥା କହିଛନ୍ତି ।

ତଥ୍ୟ ଅନୁସାରେ ୧୯୫୬-୫୭ରେ ଦେଶରେ ୨୧.୫ କୋଟି ଅର୍ଥାତ୍ ଦେଶର ସମୁଦାୟ ଜନସଂଖ୍ୟାର ପାଖାପାଖି ୮୦ ପ୍ରତିଶତ ଗରୀବ ଥିଲେ। ୧୯୭୩-୭୪ରେ ୫୫ ପ୍ରତିଶତ ଲୋକ ଗରୀବ ବା ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। ୧୯୮୩ରେ ଏହି ସଂଖ୍ୟା ୪୫ ପ୍ରତିଶତକୁ ଖସିଆସିଥିଲା । ୧୯୯୯-୨୦୦୦ରେ ସଂଖ୍ୟା ପୁଣି କମି ୨୨ ପ୍ରତିଶତରେ ପହଞ୍ଚିଥିଲା । ୨୦୧୧-୧୨ରେ ୨୧.୯ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଉଲ୍ଲେଖଯୋଗ୍ୟ ଯେ ଦାରିଦ୍ର୍ୟ ସୀମାରେଖା ବାବଦରେ ଏହି ତଥ୍ୟ ଶେଷଥର ପାଇଁ ୨୦୧୧-୧୨ରେ ଜାରି କରାଯାଇଥିଲା । ଅର୍ଥାତ୍ ୨୦୧୧-୧୨ପରେ ଏ ବାବଦରେ ସରକାରୀ ସ୍ତରରେ କୌଣସି ତଥ୍ୟଜାରି କରାଯାଇନାହିଁ । ପ୍ରଧାନମନ୍ତ୍ରୀଙ୍କ ଆଜମିର ସମାବେଶର ଭାଷଣକୁ ବିରୋଧି ବିରୋଧ କରିବାର କାରଣ ରହିଛି । କାରଣ ହେଉଛି ଏବେ ବି ପାଖାପାଖି ୨୨କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି କୁହାଯାଉଛି । ଭାରତ ସରକାର ପ୍ରକୃତ ତଥ୍ୟ ପ୍ରଦାନ କରୁନାହାଁନ୍ତି ଓ ତତ୍ୟକୁ ଚପାଇଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏବେ ଏ ପ୍ରସଙ୍ଗରେ ସରକାରୀ ସ୍ତରରେ ସର୍ବେକ୍ଷଣ ଚାଲିଛି ଓ ୨୦୨୪ ପର୍ଯ୍ୟନ୍ତ ଚାଲିବ । କିଛି ତଥ୍ୟ ପ୍ରକାଶ ପାଇବ ନିଶ୍ଚୟ । କିନ୍ତୁ ଏ ବାବଦରେ ତଥ୍ୟ ପ୍ରକାଶ ପାଇବା ପୂର୍ବରୁ ସାଧାରଣ ଲୋକସଭା ନିର୍ବାଚନ ସରିଯାଇଥିବ ଏବଂ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବ ।

ଭାରତର ଗରୀବ ଲୋକଙ୍କ ସଂଖ୍ୟା ବାବଦରେ ଅନେକ ସଂସ୍ଥା ରିପୋର୍ଟ ଜାରି କରିଛନ୍ତି । କିନ୍ତୁ ରିପୋର୍ଟର ସଂଖ୍ୟାଠାରୁ ଗରୀବ ଲୋକଙ୍କ ସଂଖ୍ୟା ଅଧିକ ହେବ ବୋଲି ଅନେକ ବିଶେଷଜ୍ଞଙ୍କ ମତ । କାରଣ କୋରୋନା ମହାମାରୀ ପରେ ଦେଶର ୫.୬୦କୋଟି ଲୋକଙ୍କ ସ୍ଥିତି ଖରାପ ହୋଇଯାଇଛି ଓ ଏମାନେ ଦାରିଦ୍ର୍ୟ ସୀମା ରେଖା ତଳକୁ ଚାଲିଯାଇଛନ୍ତି । ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଗତ ୧୫ ବର୍ଷ ମଧ୍ୟରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠି ଆସିଛନ୍ତି । ଜାତିସଂଘ ପକ୍ଷରୁ ଏଇ କିଛିଦିନ ତଳେ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ୨୦୦୫-୦୬ରୁ ୨୦୧୯-୨୦ ମଧ୍ୟରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଭାରତରେ ଐତିହାସିକ ପରିବର୍ତ୍ତନ ଘଟିଛି ଓ ଗରୀବଙ୍କ ସଂଖ୍ୟା ୪୧.୫କୋଟି କମିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତର ୨୦୨୦ର ଜନସଂଖ୍ୟା ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଓ ଭାରତରେ ୨୨.୮ କୋଟି ଗରୀବ ଲୋକ ଅଛନ୍ତି । ଭାରତ ପରେ ରହିଛି ନାଇଜେରିଆ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶ ସତ୍ତ୍ୱେ ଭାରତର ଲୋକେ କୋରୋନା ମହାମାରୀର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଏବଂ ଖାଦ୍ୟାନ୍ନର ଅଭାବ, ଜାଳେଣି ଗ୍ୟାସର ମୂଲ୍ୟ ବୃଦ୍ଧି ଭଳି ସମସ୍ୟା ଦେଇ ଗତି କରୁଛନ୍ତି । ଭାରତରେ ପୋଷଣ ଏବଂ ଶକ୍ତି ସମସ୍ୟା ରହିଛି ଓ ଏ ବାବଦରେ ଭାରତ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ । ଆମେରିକାର ଅର୍ଥନୀତି ବିଶେଷଜ୍ଞ ନୋହ ସ୍ମିଥଙ୍କ ଅନୁସାରେ ବିଗତ ୬ବର୍ଷ ମଧ୍ୟରେ ଭାରତର ଗରୀବ ଲୋକଙ୍କ ସଂଖ୍ୟା କମି ଦେଢ଼କୋଟିରେ ପହଞ୍ଚିଛି । ଗତ ବର୍ଷ ଲୋକସଭାରେ କେନ୍ଦ୍ର ସରକାର ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ତଥ୍ୟ ପ୍ରଦାନ କରିଥିଲେ । ଏ ସମ୍ପର୍କୀତ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଗ୍ରାମ୍ୟବିକାଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଦେଶର ୨୨ ପ୍ରତିଶତ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଲୋକସଭାରେ ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ଯେ ଦେଶ ସ୍ୱାଧିନ ହେବା ବେଳେ ୨୫କୋଟି ଗରୀବ ଥିଲେ । ଏବେ ୨୬.୯ କୋଟି ଗରୀବ ଅଛନ୍ତି । ଦେଶରେ ୪୩ କୋଟି ଶ୍ରମିକ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଲୋକଙ୍କୁ ନିୟମିତ କାମ ମିଳୁନାହିଁ । ଦେଶର ଜନସଂଖ୍ୟା ୧୪୨କୋଟିରୁ ଅଧିକ ହେଲାଣି । ଏମାନଙ୍କୁ ମଧ୍ୟରୁ ପାଖାପାଖି ୪୧ କୋଟି ଲୋକ ଚାକିରୀ କରିଛନ୍ତି ବୋଲି ତଥ୍ୟ ରହିଛି ହେଲେ ଏହି ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି । ଦେଶର ବେରୋଜଗାରୀ ହାର ୮ ପ୍ରତିଶତ ପାର କରିଗଲାଣି । ଏସବୁ ରିପୋର୍ଟରେ ପୂର୍ବାଗ୍ରହ ଥାଇପାରେ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥୀକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟଙ୍କ ମତରେ ଦେଶର ୧୮ ପ୍ରତିଶତ ଲୋକ ଏବେବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ପ୍ରଶ୍ନ ହେଉଛି ଏସବୁ ତଥ୍ୟ ପରେ ପ୍ରତିବର୍ଷ ବିପିଏଲ୍ ତାଲିକା ଲମ୍ୱିବାରେ ଲାଗିଛି କାହିଁକି? କେନ୍ଦ୍ର ସରକାର ଦେଶର ପାଖାପାଖି ୮୦କୋଟି ଲୋକଙ୍କୁ ମାଗଣା ଚାଉଳ/ଗହମ ଦେଉଛନ୍ତି କାହିଁକି?

ଏଣୁ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ତର୍ଜମା କଲେ 'ଅତି ଗରୀବଙ୍କ ସଂଖ୍ୟା କମିଛି ଓ ଏହାର ଦୂରୀକରଣ ଖୁବ୍ ଶୀଘ୍ର' କଥାକୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଅତି ଗରୀବଙ୍କ ସଂଖ୍ୟା କେମିତି କମିବ ସେ ବାବଦରେ ମଧ କିଛି କହିନଥିଲେ । ଦେଶରେ ଧନକୁବେରଙ୍କ ସଂଖ୍ୟା ୧୬୦ରୁ ଅଧିକ ହେଲାଣି କିନ୍ତୁ ଦେଶର ୫୦ ପ୍ରତିଶତରୁ ଅଧିକ ମହିଳା ରକ୍ତହୀନତାର ଶୀକାର । ୬ରୁ ୨୩ ମାସର ମାତ୍ର ୧୧ ପ୍ରତିଶତ ଶିଶୁଙ୍କୁ ପୁରାମାତ୍ରାରେ ଖାଦ୍ୟ ମିଳୁଥିବା ବେଳେ ଅନ୍ୟମାନେ କୁପୋଷଣର ଶୀକାର । ୩୫ ପ୍ରତିଶତଙ୍କୁ ନିୟମିତ କାମ ମିଳୁଛି । ଅନ୍ୟମାନେ ଅଣ ସଂଗଠିତ ଶ୍ରମିକ । ମନରେଗା ଯୋଜନାରେ ମଧ ଏମାନଙ୍କୁ ନିୟମିତ କାମ ମିଳୁନାହିଁ । ଏସବୁ ବିରୋଧାଭାଷ ଥିବା ବେଳେ ଗରୀବଙ୍କ ସଂଖ୍ୟା କମିଛି ବୋଲି ଦିଆଯାଉଥିବା ତଥ୍ୟ (ରିପୋର୍ଟ) ଉପରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍ । ସୁଖଦ କଥା ହେଉଛି ୨୦୨୨-୨୩ରେ ଭାରତର ଆର୍ଥୀକ ବିକାଶ ହାର ୭.୨ ପ୍ରତିଶତ ରହିଛି, ବିଶ୍ୱସ୍ତରରେ ଏହା ହେଉଛି ସର୍ବାଧିକ ଏବଂ ଦୃତ ବିକାଶ ହାର । ଫ୍ରାନ୍ସ, ବ୍ରିଟେନ ଏବଂ ଜର୍ମାନୀ ୧ ପ୍ରତିଶତରେ ରହିଛି ଏପରିକି ଚୀନର ବିକାଶ ହାର ଠାରୁ ଭାରତର ବିକାଶ ହାର ଦେଢ଼ଗୁଣା ହୋଇଛି । କୃଷିର ବିକାଶ ହାର ବଢ଼ିଛି । ଦେଶର ଉଦ୍ୟାଗ କ୍ଷେତ୍ର ମଧ ବିକାଶ କରିଛି । କିନ୍ତୁ ପ୍ରଶ୍ନ ଉଠୁଛି ଯେ ବିକାଶ ଏବଂ ଅର୍ଥବ୍ୟବସ୍ଥାର ବିସ୍ତାରର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁନାହିଁ କାହିଁକି? ଯଦି ଏହାର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁଥାନ୍ତା ତେବେ ଦେଶରୁ ଗରୀବ ଲୋକଙ୍କ ସଂଖ୍ୟା କମିଥାନ୍ତା ନିଶ୍ଚୟ । ପ୍ରଧାନମନ୍ତ୍ରୀ ସାର୍ବଜନୀକ ମଞ୍ଚରେ ଯାହା କହିଲେ ତାର ଠୋସ୍ ଆଧାର ଥିବ ନିଶ୍ଚୟ । ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି । ଏଣୁ ଆଶା କରାଯାଇପାରେ ଯେ କେନ୍ଦ୍ର ସରକାର ଏ ବାବଦରେ ଗୁରୁତ୍ୱର ସହ କିଛି ଠୋସ୍ ପଦକ୍ଷେପ ନେଇଛନ୍ତି ଅଥବା ନେବାକୁ ଯାଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ କଥା ଯଦି ସତ ତେବେ ଖୁବ୍ କମ୍ ଦିନରେ (ବର୍ଷରେ) ଦେଶରୁ ଦାରିଦ୍ର୍ୟ ଦୂରୀକରଣ ହୋଇଯିବ ଓ ଦେଶରେ ଆଉ ଗରୀବ ରହିବେ ନାହିଁ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

## ଜଗନ୍ନାଥ ! ତୁମେ ଏକ ବିଳାସୀ ଦିଅଁ





ଡ. ଶିଶିର କମାର କର

ଜଗନ୍ନାଥଙ୍କର ନୀତିକାନ୍ତି ରହସ୍ୟମୟ ଓ ବୈଚିତ୍ର୍ୟପୂର୍ଣ୍ଣ । କେତେବେଳେ ମାନବିକ ଓ କେତେବେଳେ ସଂପୂର୍ଣ୍ଣ ଅଲୌକିକ । ସେ ଷୋଳକଳା, ଚବିଶ ଅବତାର ବିଶିଷ୍ଟ । ମନ୍ଦିର ଭିତରେ ତାଙ୍କର ପ୍ରତ୍ୟହ ବିଧିବିଧାନ ଜଣେ ବିଳାସୀ ସମ୍ରାଟଙ୍କ ପରି ଅନନ୍ୟ । ଷାଠିଏ ପଉଠିର ଛପନ ପ୍ରକାର ଭୋଗ ସେ ଉପଭୋଗ କରନ୍ତି । ବତିଶ୍ ପ୍ରକାର ରଙ୍ଗବେରଙ୍ଗର ବେଶ ହୁଅନ୍ତି । ସୁନାବେଶରେ ବହୁପ୍ରକାର ଅଙ୍ଗକାର କରନ୍ତି ପରିଧାନ । କେତେବେଳେ ମାଧୁର୍ଯ୍ୟମୟ ତ କେତେବେଳେ ଐଶ୍ୱର୍ଯ୍ୟମୟ ।

ବାରମାସରେ ତେରଯାତ୍ରା ଶ୍ରୀକ୍ଷେତ୍ରରେ ହୁଏ ଅନୁଷ୍ଠିତ । ବର୍ଷ ତମାମ୍ ପର୍ବପର୍ବାଣି ଶ୍ରୀମନ୍ଦିରରେ ପାଳିତ ହୁଏ । ପ୍ରକୃତରେ ତେରଟି ପ୍ରଧାନ ଯାତ୍ରା, ସତେଇଶଟି ଉପଯାତ୍ରା ଏବଂ ୧୦୮ଟି ପର୍ବପର୍ବାଣି ମୋଟ ୧୪୮ଟି ଯାତ୍ରା ଶ୍ରୀମନ୍ଦିରରେ ପାଳିତ ହୁଏ । ଏସବୁ ଯାତ୍ରା ମଧ୍ୟରେ ଘୋଷଯାତ୍ରା ସର୍ବପ୍ରଧାନ । ତିନୋଟି ରଙ୍ଗବେରଙ୍ଗ ଚିତ୍ରିତ ରଥରେ ଧ୍ୱଜା ଉଡ଼ାଇ ତିନିଦିଅଁ ଗୁଣ୍ଡିଚା ଯାତ୍ରା କରନ୍ତି । ସେଠାରେ ଇନ୍ଦ୍ରଦ୍ୟୁମ୍ନ ଉତ୍ସବ ପାଳନ କରି ଭକ୍ତଙ୍କ ରଜ୍ଜୁ ଆକର୍ଷଣରେ ଫେରନ୍ତି । ମାଉସୀ ମା'ଙ୍କ ମନ୍ଦିରରେ ଖାଆନ୍ତି ପୋଡ଼ପିଠା । ପୁଣି ଶ୍ରୀମନ୍ଦିରକୁ ଫେରି ମା' ଲକ୍ଷ୍ମୀଙ୍କର କରନ୍ତି ମାନଭଞ୍ଜନ । ରସଗୋଲା, ଶାଢ଼ୀ ଓ ସୁବର୍ଣ୍ଣ ଅଳଂକାର ଦ୍ୱାରା ସେ ଜଗତ୍‌ଜନନୀଙ୍କର କ୍ରୋଧ ଉପଶମ କରନ୍ତି । ଠିକ୍ ଜଣେ ବିଦେଶ ଫେରନ୍ତା ସ୍ୱାମୀ ପରି ।

ସ୍ନାନଯାତ୍ରାରେ ୧୦୮ ଗରା ଜଳରେ ଗାଧୋଇ ଆମ ଦିଅଁଙ୍କୁ ଜ୍ୱର ହୁଏ । ପାଚନ ପାଣି, ଦଶମୂଳ ଖାଇ ଭଲ ହୁଅନ୍ତି । ବିଭିନ୍ନ ପ୍ରଲେପ ଦ୍ୱାରା ତାଙ୍କର କ୍ଷତ ପୂରଣ କରାଯାଏ । ସେ ପରିଶେଷରେ ନବଯୌବନ ଲାଭ କରନ୍ତି । ମଣିଷ ପରି ଖାଇବା, ଶୋଇବା, ପିଇବା, ନାଚ ଦେଖିବା, ଗୀତ ଶୁଣିବା, ଶୀତରୁ ରକ୍ଷା ପାଇବା ପାଇଁ ଘୋଡ଼ି ହେବା, ଗରମ ହେଲେ ଚନ୍ଦନ ଲାଗି ହେବା, ଶୋଇବା ପୂର୍ବରୁ ବିଡ଼ିଆ ପାନ ଖାଇବା କେତେ କଣ? ପ୍ରତିଦିନ ତାଙ୍କର ପାଟବସ୍ତ୍ର ରଙ୍ଗ ହୁଏ ପରିବର୍ତ୍ତିତ । କୁସୁମ ବିଞ୍ଚଣରାରେ ଦେବଦାସୀମାନେ ତାଙ୍କୁ ବିଞ୍ଚନ୍ତି । ବିଡ଼ିଆ ପାନରେ ଗୁଆ, ଖଇର, ଅଳେଇଚ, ଲବଙ୍ଗ, ଜାଇଫଳ ପକାଯାଏ ।

ସେ ଏମିତି ଦିଅଁ ଯେ ମଦ, ମତ୍ସ୍ୟ, ମାଂସ, ସବୁ ଖାଆନ୍ତି । ମୁଦ୍ରା ଓ ମୈଥୁନ କାର୍ଯ୍ୟ କରନ୍ତି । ଏସବୁ ମାଦକୀୟ ନହେଁ ସଂପୂର୍ଣ୍ଣ ଅଲୌକିକ । ଜଗନ୍ନାଥ ଗୋଟିଏ ଧର୍ମ ବା ସଂସ୍କୃତିର ଦେବତା ନୁହଁନ୍ତି । ତାଙ୍କ ନୀତି, କାନ୍ତି, ଖାଦ୍ୟ, ବସ୍ତ୍ର, ଯାତ୍ରା, ଉତ୍ସବ ମଧ୍ୟରେ ଆର୍ଯ୍ୟ, ଅନାର୍ଯ୍ୟ, ବୌଦ୍ଧ, ଜୈନ, ଇସ୍‌ଲାମ, ଖ୍ରୀଷ୍ଟିୟାନ ସବୁଧର୍ମର କିଛି ନା କିଛି ପ୍ରତୀକ ଦେଖିବାକୁ ମିଳେ । ସେ କୌଣସି ସଂପ୍ରଦାୟର ନୁହଁନ୍ତି, ହେଲେ ସବୁ ସଂପ୍ରଦାୟ ତାଙ୍କର ଗୁଣଗାନ କରନ୍ତି ।

ତନ୍ତ୍ର ଉପାସନାର ପଞ୍ଚମାକାର ବିଧି ପ୍ରୟୋଗର ବ୍ୟବସ୍ଥା ଥାଏ । ଶ୍ରୀମନ୍ଦିରର ପୂଜା ବିଧିରେ ଏହାର ପରୋକ୍ଷ ପ୍ରୟୋଗ ହୋଇଥାଏ ।

୧) ନୂଆ ଓଳିରେ ଜାଇଫଳ ଘୋରା ଜଳ ବା କଂସା ପାତ୍ରରେ ପଇଡ଼ ଜଳ ହେଉଛି- 'ମଦ୍ୟ'

୨) ଅଟା ଓ ଚିନିରେ ପ୍ରସ୍ତୁତ ଲମ୍ୱା କାନ୍ତି ବିରିପିଠା- 'ମତ୍ସ୍ୟ'

୩) ଅଦା ପାଚେଡ଼ି ବା ପୁଳିସୁକ୍ତ ବିରିପିଠା- 'ମାଂସ'

୪) ଦେବତାଙ୍କ ଯୋନିମୁଦ୍ରା ପ୍ରଦର୍ଶନ, ଅପରାଜିତା ପୁଷ୍ପପ୍ରବାହ ତଥା ତେନ୍ତୁଳି ରସରେ ବଟା ଅଦା- 'ମୁଦ୍ରା'

୫) ବଡ଼ ଶୃଙ୍ଗାର ବେଶ ବେଳେ ଦେବଦାସୀର ଅର୍ଦ୍ଧନଗ୍ନ ଅବସ୍ଥାରେ ଲାଜ୍ୟମୟୀ ସଂଗୀତ ଗାୟନ- 'ମୈଥୁନ'

ତେଣୁ ଜଗନ୍ନାଥଙ୍କୁ ବିଳାସୀ ଦିଅଁ କହିବା ଯଥାର୍ଥ ଅଟେ ।

ଶ୍ରୀକଣ୍ଠପୁର, ବାଲେଶ୍ୱର
ମୋ: ୯୭୭୮୫୪୩୮୯୭




### ରଥଗଲା ଗଡ଼ିଗଡି

ଜଗଦୀଶ ସାହୁ



ରଥଗଲା ଗଡ଼ିଗଡି
ବଡ଼ଦାଣ୍ଡ ମାଡିମାଡ଼ି
ଚାତକ ପରାୟେ ମୋ କୃଷକ ଭାଇ
ଆକାଶକୁ ଚାହିଁ ରହିଛି ଅନାଇ
ଶୁଣିବାକୁ ଘଡ଼ଘଡ଼ି !
ଖରାମାରେ ଚାଇଁଚାଇଁ
ଦେହମୁଣ୍ଡ ଝାଇଁଝାଇଁ
କାଳିଆ କରୁଣା ହୋଇଲାକି ଊଣା
ଝରିଲା ନାହିଁତ ଟୋପେ ଜଳକଣା
ଧରାକାନ୍ଦେ କଇଁକଇଁ !
ବରଷା କରିଛି ରୋଷ
କେମିତି ହୋଇବ ଚାଷ
କାଳିଆ ଠାକୁର ବାରେ ଦୟାକର
ଆକାଶରୁ ମେଘ ପଡୁ ଝରଝର
ଚାଷୀମନ ହେଉ ତୋଷ !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ : ୯୦୭୮୧୮୫୬୧୬

### ତୁମ ରଥଯାତ

ଜୟନ୍ତ କୁମାର ମଲ୍ଲିକ୍



ତୁମ ରଥଯାତ ଜଗତେ ବିଖ୍ୟାତ
ଯାହାର ତୁଳନା ନାହିଁ
ତୁମ ମହିମାର ନାହିଁ ପଟ୍ଟାନ୍ତର
ତୁମପରି ଦିଅଁ କାହିଁ ?
ଜରରୁ ଉଠିକି ଜରୁରୀ ଭାବିକି
ବଡ଼ଦାଣ୍ଡେ ହୁଅ ଉଭା
ରଥରେ ବସିକି ମୁରୁକି ହସିକି
ଦେଖାଅ ସ୍ୱର୍ଗୀୟ ପ୍ରଭା ।

ମାଉସୀ ଘରକୁ ଯାଇଥାଅ ତୁମେ
ଭାଇ ଭଉଣୀଙ୍କୁ ଧରି
ନଅ ଦିନପାଇଁ ମନ୍ଦିରୁ ବାହାର
ଘରଣୀଙ୍କୁ ପର କରି ।

ରଥରେ ତୁମକୁ କରି ଦରଶନ
ଭକତ ଯାଆନ୍ତି ତରି
ତୁମେ ଅଟ ପ୍ରଭୁ ଭାବ ବିନୋଦିଆ
କିଏ ହେବ ତୁମ ପରି ।
ତୁମ ଲୀଳା ପ୍ରଭୁ ଅତି ଚମତ୍କାର
ଯେଣୁ ତୁମେ ଲୀଳାମୟ
ତୁମେ ଏକା ପ୍ରଭୁ ଘୁଞ୍ଚାଇ ପାରିବ
ଅକାଳ ମରଣ ଭୟ ।

ଶୁରଡିହ,ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

### ଠକିଦେଲୁ ମଉସୁମୀ

ଦିବାକର ନାୟକ



ଭାବିଥିଲି ମନେ ମହ୍ଲାର ସୁରରେ
ଗାଇଥାନ୍ତି ଝୁମି ଝୁମି
କଥା ରଖିଲୁନି ଠକି ଦେଲୁ ମୋତେ
ଆସିଲୁନି ମଉସୁମୀ ।

ବରଷା ଋତୁର ରଚନା ପଢ଼ନ୍ତି
ଭିଜା ମାଟି ଫରଦରେ
ଇନ୍ଦ୍ରଧନୁର ଛବି ମୁଁ ଦେଖନ୍ତି
ଆକାଶର ପରଦାରେ
ସବୁରି ପରାଣେ ଚାତକର ଶୋଷ
ଭିଜେଇ ଦେ ଓଠ-ଭୂମି ।

ବରଷାରାଣୀର ପହିଲି ଛୁଆଁକୁ
ଝୁରୁଛି ବସୁଧା ଆଜି
ନଈ ନାଳ ଟିକେ ଫୁଲେଇ ହୁଅନ୍ତେ
ଖୁସିରେ ଟିକିଏ ମଜି

ଝରିବା ପାଇଁ କି ଭସା ବାଦଲକୁ
ଯାଆ ଟିକେ ଚୁମି ଚୁମି ।

ପାଟପୁର, କନିସି, ଗଞ୍ଜାମ
ମୋ-୯୯୩୮୬୧୯୯୮୧

### ଏମିତି ଏ ଜୀବନ ଗୀତି

ସୁନନ୍ଦା ମହାନ୍ତି



ଜୀବନ ଲାଗେ କେବେ ଭାଦ୍ରବେ
ଭୋଦୁଆ ଆକାଶ କଇଁଆ
କେବେ ଶ୍ରାବଣ ଶାଗୁଆ ଫରୁଆ
ଜୀବନ ସଳିତା ସବୁଜ ସବୁଜ
ପାଦ ହୋଇଲେ ଆଗୁଆ

ଜୀବନର ନାଲି ହସେ ମଖମଲ୍ଲୀ
ଶୁଭ୍ରତାରେ ଲାଗେ ନିଆଁ
ଜୀବନ ଦହନ ହଳଦିଆ ଖାଲି
ସାୟାହ୍ନେ ବାତାସୀ ବାଆ
ଶୀତ ଲାଗେ ମିତ ଗୋଲାପୀ ପାଖୁଡା
ରଜନୀଗନ୍ଧା ଡାକେ ଆ

ବୟସର କୃଷ୍ଣଚୂଡ଼ା ମୂଳେ
କାକରେ କୋକୁଆ ଠିଆ
ସମୟ ସରିନି ଆସୁଛି ଯାଉଛି
ବରଷ ବରଷା ଅଦିନିଆ
ସବୁ ଋତୁ ମତେ ସବୁଜ ସବୁଜ
ତୁମରି ପହିଲି ଛୁଆଁ

ମିଠା ସ୍ମୃତି ଭରି ଲାଗେ ଭାରି ଭାରି
ଋତୁ ସବୁ ଲାଗେ ନୂଆ
ପହିଲି ପହିଲି ଇନ୍ଦ୍ରଧନୁ ରଙ୍ଗ
କରେ ସିନା କିମିଆ
ବୟସ ଗଡ଼ିଲେ ସମୟ ସାଥିରେ
ଦିଏ ନାହିଁ ଧରାଛୁଆଁ

ମନ ବୁଝିଗଲେ ଆଖିତ ବୁଝେନା
ଜଳଛବି କିଆଁ ଅଦିନିଆଁ
ଜୀବନର ରଥ ପଥ ଜଗନ୍ନାଥ
ବାତାସୀ ବାଧାରେ ଅଧାରେ ଠିଆ
ଭାବରେ ଭାବରେ ଚତୁର୍ଦ୍ଧାଙ୍କ
ସାଥିରେ
ସମୟ ଓ ବୟସର ଦୁଇ ନାଆ

ରଙ୍ଗରେ ରଙ୍ଗରେ ରଙ୍ଗୋଲି ହୋଇ
ଡାକୁଥାଏ ଦି ଘଡି ରହି ଯାଆ ।

ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ବିଗ୍ ବିଙ୍କ ନାତୁଣୀ ନବ୍ୟାଙ୍କ ହିନ୍ଦୀ ଶୁଣି ଖୁସି ହେଲେ ଲୋକେ, ପ୍ରଭାବିତ କଲା ତାଙ୍କ ଚିନ୍ତାଧାରା

ଅନେକ ସମୟରେ ସୋସିଆଲ ମିଡିଆରେ ବିଗ୍ ବି ଅମିତାଭ ବଚ୍ଚନଙ୍କ ନାତୁଣୀ ନବ୍ୟା ନବେଲି ନନ୍ଦା ଚର୍ଚ୍ଚାରେ ରହିଥାନ୍ତି । ନବ୍ୟା ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିନଥିଲେ ବି ତାଙ୍କ କାମ ପାଇଁ ଏବେ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ରହିଛନ୍ତି । ନବ୍ୟା ଏବେ ଜଣେ ବ୍ୟବସାୟୀ ଏବଂ ମହିଳାମାନଙ୍କ ପାଇଁ କାମ କରୁଛନ୍ତି । ଏହା ସହିତ ନବ୍ୟାଙ୍କ ପୋଡକାଷ୍ଟ ମଧ ଆସେ । ସୋସିଆଲ ମିଡିଆରେ ନବ୍ୟାଙ୍କର ଏବେ ଏକ ଭିଡିଓ ଭାଇରାଲ ହେଉଛି ଯେଉଁଥିରେ ସେ ହିନ୍ଦୀରେ କଥାବାର୍ତ୍ତା କରୁଛନ୍ତି ଏବଂ ଲୋକଙ୍କ କଲ୍ୟାଣ ବିଷୟରେ କହୁଛନ୍ତି । ଏହି ଭିଡିଓରେ ନବ୍ୟାଙ୍କ ହିନ୍ଦୀ ସହିତ ତାଙ୍କ ଚିନ୍ତାଧାରା ଲୋକଙ୍କୁ ପ୍ରଭାବିତ କରିଛି । ନବ୍ୟା ଏହି ଭିଡିଓକୁ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ଏହି ଭିଡିଓଟି ତାଙ୍କର ଏକ ସାକ୍ଷାତକାରର ଟିଜର ବୋଲି ଦେଖାଯାଇଛି, ଯେଉଁଥିରେ ସେ ହିନ୍ଦୀରେ ବିଭିନ୍ନ ପ୍ରସଙ୍ଗ ବିଷୟରେ କହୁଛନ୍ତି । ଭିଡିଓରେ ନବ୍ୟା ହିନ୍ଦୀ କହୁଥିବା ଦେଖି ସୋସିଆଲ ମିଡିଆ ବ୍ୟବହାରକାରୀ ତାଙ୍କର ପ୍ରଶଂସା କରିବା ଆରମ୍ଭ କରିଛନ୍ତି । ଜଣେ



ବ୍ୟବହାରକାରୀ ଲେଖିଛନ୍ତି- 'ନବ୍ୟାଙ୍କ ହିନ୍ଦୀ ବହୁତ ଭଲ । ଏହିପରି ଭଲ କାମ କରିବା ଜାରି ରଖ । ମୁଁ ସେହି ପିତାମାତାଙ୍କୁ ବୁଝିପାରେ ନାହିଁ, ଯେଉଁମାନେ ନିଜ ପିଲାମାନଙ୍କୁ ହିନ୍ଦୀ ଶିକ୍ଷା ଦିଅନ୍ତି ନାହିଁ । ଅନ୍ୟ ଜଣେ ବ୍ୟବହାରକାରୀ ଲେଖିଛନ୍ତି – 'ଏହି ଦେଶ ଏପରି ଲୋକଙ୍କୁ ବହୁତ ଆବଶ୍ୟକ କରେ' । ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି – ଏକମାତ୍ର ଷ୍ଟାରକିଡ୍, ଯାହାଙ୍କର ବୁଦ୍ଧି ଅଛି ।

# ସଫଳ ଅଭିନେତା ଅଜୟ ବେହେରା

ଓଡିଶାର କଳା ସଂସ୍କୃତି ଓ ଅଭିନୟ ଜଗତ ରେ ଯେଉଁ ବନ୍ଧୁ ମାନେ ସୁନ୍ଦର ଅଭିନୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସେମାନଙ୍କ ମଧ୍ୟରେ ଅଜୟ ବେହେରା ଅନ୍ୟତମ । ଭଦ୍ରକ ଜିଲ୍ଲାର ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ଭୈରବ ପୁରଠାରେ ଶ୍ରୀ ବେହେରା ଜନ୍ମଲାଭ କରନ୍ତି । ତାଙ୍କର ପିତା ଘନଶ୍ୟାମ ବେହେରା ଓ ମାତା ଅବନ୍ତୀ ବେହେରା । ପତ୍ନୀ ଅବନ୍ତୀ ବେହେରା, ଦୁଇ ପୁଅ ଜଗନ୍ନାଥ ଓ ଚନ୍ଦ୍ରକାନ୍ତଙ୍କୁ ନେଇ ଅଜୟଙ୍କ ସୁଖ ଦୁଃଖର ସଂସାର ରଥ ଆଗେଇ ଚାଲିଛି । ଅଜୟଙ୍କ ଅଭିନୀତ ସଫଳ ନାଟକ ମଧ୍ୟରେ ରହିଛି ରାତି ପାହିବାକୁ ଅଳପ ବାକି, ଭାଇ ଭାଙ୍ଗିଦେଲା ଭଉଣୀ ଶଙ୍ଖା, ଆ ଜହ୍ନ ମାମୁଁ ସରଗ ଶଶୀ, କହଲ ବଉଳ କିଏ ତୋ ବର, ଅନ୍ଧ ଦେଶେ ଗଲି ଦର୍ପଣ ବିକି । ବାପା, ଭାଇ, ହିରୋ ପ୍ରଭୃତି ବିଭିନ୍ନ ଚରିତ୍ର ଭୂମିକା ରେ ରେ ଅଜୟ ଗାଁ ଡ୍ରାମା ଓ ରଙ୍ଗମଞ୍ଚରେ ଅଭିନୟ କରିଥାନ୍ତି । ବଡ଼ ବଡ଼ ନାଟକ ମଞ୍ଚରେ ସେ ସାହିତ୍ୟ ଓ ସଂଗୀତର ସୁନ୍ଦର ଶବ୍ଦ ଓ ଭାଷା ଦେଇ ଆଙ୍କର ଭାବରେ ମଞ୍ଚ ସଂଯୋଜନା କରିଥାନ୍ତି ।



ଏଥିପାଇଁ ହଜାର ହଜାର ଦର୍ଶକ ଙ୍କ ଠାରୁ ସେ ପ୍ରଶଂସା ପାଇଥାନ୍ତି । ବାସୁଦେବପୁରର ସାହିତ୍ୟ ଅନୁଷ୍ଠାନ ଅବସର, ବାଇଚଢେଇ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ, ସଂଗୀତ କଳା ପରିଷଦ ପ୍ରଭୃତି ବିଭିନ୍ନ ଅନୁଷ୍ଠାନରୁ ଅଜୟ କବିତା ଲେଖିବା ଓ ଅଭିନୟ କରିବା କ୍ଷେତ୍ରରେ ପ୍ରଶଂସା ପତ୍ର, ସମ୍ବର୍ଦ୍ଧନା ଓ ଟ୍ରଫି ହାସଲ କରିଛନ୍ତି । ପରିବାରଙ୍କୁ ଚଳାଇବା ପାଇଁ ସେ ବାସୁଦେବପୁର ବ୍ଲକ ରୋଡରେ ମାମୁନି ଲସି ଭଣ୍ଡାର ନାମରେ ଏକ ଦୋକାନ ଖୋଲିଛନ୍ତି । ଏଥିରେ ଯାହା ବିକ୍ରି ହୁଏ ସେଥିରେ ସେ ଘର ଚଳାଇଥାନ୍ତି । ଏହା ବ୍ୟତୀତ ସମାଜ ସେବା, ଜଳଦାନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିଥାନ୍ତି ଅଜୟ । ଶ୍ରୀ ବେହେରା ଦୁଃଖୀ ଗରିବ ଲୋକଙ୍କୁ ସାହାଯ୍ୟ ସହଯୋଗ କରି ଆନନ୍ଦ ଲାଭ କରନ୍ତି । ସିନେମା ଓ ଯାତ୍ରାରେ ଅଶ୍ଳୀଳ ନୃତ୍ୟଙ୍କୁ ସେ ପସନ୍ଦ କରନ୍ତି ନାହିଁ । ଓଡିଶୀ ନୃତ୍ୟକୁ ସେ ଭଲ ପାଆନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ଭଜନ ଓ ଜଣାଣ ଶୁଣି ଅଜୟ ପ୍ରତ୍ୟେକ ଦିନ କର୍ମ ଆରମ୍ଭ କରିଥାନ୍ତି । ସେ ସର୍ବଦା ଈଶ୍ୱର ବିଶ୍ୱାସୀ । ଈଶ୍ୱରଙ୍କ କୃପାରୁ ଶ୍ରୀ ବେହେରାଙ୍କର ଭବିଷ୍ୟତର ଚଳାପଥରେ ପୁଷ୍ପବୃଷ୍ଟି ହେଉ । ଆମର ଏହା ହିଁ କାମନା ।


ଉପସ୍ଥାପନା : ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ: ୭୦୦୮୬୪୧୮୫୨, ୯୯୩୭୯୭୬୩୫୧


## ଛାଡ଼ପତ୍ର ଖବରରେ ପୂର୍ଣ୍ଣଚ୍ଛେଦ ପକାଇଲେ ନେହା

ବଲିଉଡର ପ୍ଲେ-ବ୍ୟାକ କଣ୍ଠଶିଳ୍ପୀ ନେହା କକ୍କର ତାଙ୍କ ସ୍ୱାମୀ ରୋହନପ୍ରୀତ ସିଂହଙ୍କଠାରୁ ଅଲଗା ହେବା ଖବରରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ନିଜେ ନେହା ଏଥିରେ ପକାଇଛନ୍ତି ପୂର୍ଣ୍ଣଚ୍ଛେଦ । ଗତକାଲି ନେହା ନିଜ ଇନଷ୍ଟାଗ୍ରାମରେ ରୋହନପ୍ରୀତ ଓ ତାଙ୍କର ଏକ ରୋମାଣ୍ଟିକ ଫଟୋ ଶେଆର କରିଛନ୍ତି । ଏହି ଫଟୋରେ ରୋହନପ୍ରୀତ ଓ ନେହାଙ୍କୁ କିସ୍ ? କରୁଛନ୍ତି । ନିଜ ଇନଷ୍ଟାଗ୍ରାମରେ ନେହା ଏହି ଫଟୋ ଶେଆର କରିବା ପରେ ରୋହନପ୍ରୀତଙ୍କ ସହିତ ତାଙ୍କ ସମ୍ପର୍କ ଠିକ୍ ?ଠାକ୍ ? ଥିବା ଜଣାପଡ଼ିଛି । ରୋହନ ଓ ନେହାଙ୍କର ଏହି ରୋମାଣ୍ଟିକ ଫଟୋକୁ ଫ୍ୟାନମାନେ ବେଶ ପସନ୍ଦ କରିଛନ୍ତି ଓ କମେଣ୍ଟ ମଧ କରିଛନ୍ତି । ଜୁନ୍ ? ୬ ତାରିଖରେ ନେହା ତାଙ୍କର ୩୫ ତମ ଜନ୍ମଦିନ ପାଳନ କରିଥିଲେ । ଜନ୍ମଦିନରେ ନେହା ଏକ ପାର୍ଟି ରଖିଥିଲେ । ଏହି ପାର୍ଟିରେ ନେହାଙ୍କ ପରିବାର ଓ ସାଙ୍ଗସାଥୀ ସାମିଲ ହୋଇଥିଲେ । ହେଲେ ନେହାଙ୍କର ଏତେ ବଡ଼ ଦିନରେ ତାଙ୍କ ସ୍ୱାମୀ ରୋହନପ୍ରୀତ ସାଙ୍ଗରେ ନଥିଲେ । ସେ ଏହି ପାର୍ଟିରେ ସାମିଲ ହୋଇନଥିଲେ । ଯାହାକୁ ନେଇ ନେହା ଓ ରୋହନପ୍ରୀତଙ୍କ ମଧ୍ୟରେ ସମ୍ପର୍କ ଠିକଠାକ୍ ନଥିବା ବି ଟାଉନ ଚର୍ଚ୍ଚା ହେଉଥିଲା । ଖୁବ୍ ଶୀଘ୍ର ନେହା ରୋହନପ୍ରୀତଙ୍କୁ ଛାଡପତ୍ର ଦେଉଥିବା ଶୁଣାଯାଉଥିଲା । ହେଲେ ନେହା ଏହି ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ।

# ଛାଡ଼ପତ୍ର ପରେ କଫି ଡେଟରେ ଯାଇ ଟ୍ରୋଲ ହେଲେ ଚାରୁ ଓ ରାଜୀବ

ଛାଡ଼ପତ୍ର ପରେ କଫି ଡେଟରେ ଯାଇ ଟ୍ରୋଲ ହେଲେ ଅଭିନେତ୍ରୀ ଚାରୁ ଅସୋପା ଓ ରାଜୀବ ସେନ୍ । ବ୍ୟବସାୟୀ ତଥା ବଲିଉଡ ଅଭିନେତ୍ରୀ ସୁସ୍ମିତା ସେନଙ୍କ ଭାଇ ରାଜୀବ ସେନ୍ ଏବଂ ଅଭିନେତ୍ରୀ ଚାରୁ ଅସୋପାଙ୍କ ଦାମ୍ପତ୍ୟ ଜୀବନରେ ଅନେକ ବିବାଦ ଲାଗି ରହିଥିଲା । ବିବାହର କିଛି ମାସ ପରେ ବିବାଦ ଆରମ୍ଭ ହୋଇଥିଲେ ବି ଦୁହେଁ ନିଜ ସମ୍ପର୍କକୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ । ହେଲେ ସଫଳତା ମିଳିନଥିଲା । ଗତ ବର୍ଷ ଏହି ଦମ୍ପତି ଛାଡ଼ପତ୍ର ପାଇଁ ଆବେଦନ କରିଥିବା ବେଳେ ଜୁନ୍ ୮ରେ ସେମାନଙ୍କ ଛାଡପତ୍ର ଆବେଦନକୁ ଅନୁମୋଦନ କରିଥିଲେ କୋର୍ଟ ।



ହେଲେ ଏବେ ଛାଡ଼ପତ୍ର ପରେ ଦୁହେଁ ଏକାଠି କଫି ଡେଟରେ ନଜର ଆସିବାରୁ ସୋସିଆଲ ମିଡିଆ ବ୍ୟବହାରକାରୀ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି । କିଛି ଦିନ ତଳେ ଚାରୁ ଅସୋପା ଏବଂ ରାଜୀବ ସେନ୍ ଝିଅ ଜିଆନା ସେନଙ୍କ ସହ କଫି ଡେଟରେ ଯାଇଥିଲେ । ରାଜୀବ ଏହାର ଏକ ରିଲ୍ ବନାଇଥିବା ବେଳେ ଚାରୁ ଏହାକୁ ନିଜ ଇନଷ୍ଟାରେ ସେୟାର କରି ରାଜୀବଙ୍କୁ ଟ୍ୟାଗ୍ କରିଥିଲେ । ଭିଡିଓର କ୍ୟାପସନରେ ଲାଲ ହୃଦୟର ଏକ ଇମୋଜି ଦେଇଥିଲେ ଚାରୁ । ଅନ୍ୟ ଏକ ଇନଷ୍ଟା ଷ୍ଟୋରୀରେ, ଚାରୁ ଏବଂ ରାଜୀବ ସୁସ୍ୱାଦୁ ମିଠା ସହିତ କଫି ଡେଟରେ ଯାଇଥିବା ଦେଖାଯାଇଥିଲା । ଛାଡ଼ପତ୍ର ପରେ ଏତେ ଥର ଏଭଳି ଏକାଠି ନଜର ଆସୁଥିବାରୁ ଲୋକେ ଦୁହିଁଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି ।

# ଇଟାଲୀସ୍ଥିତ ବିଳାସପୂର୍ଣ୍ଣ ବଙ୍ଗଳାକୁ ଭଡ଼ା ଦେଲେ ପ୍ରଭାସ

ପ୍ୟାନ ଇଣ୍ଡିଆ ଷ୍ଟାର ପ୍ରଭାସ ତାଙ୍କ ଚଳଚ୍ଚିତ୍ର ଆଦିପୁରୁଷ ପାଇଁ ଏବେ ଚର୍ଚ୍ଚାରେ ଅଛନ୍ତି । ନିକଟରେ ତାଙ୍କର ଚଳଚ୍ଚିତ୍ର ରିଲିଜ ହୋଇଛି ଯେଉଁଥିରେ ପ୍ରଭାସ ପ୍ରଭୁ ରାଘବଙ୍କ ଭୂମିକାରେ ଅଭିନୟ କରିଛନ୍ତି । ପ୍ରଭାସ ତାଙ୍କ ଚରିତ୍ର ଏବଂ ସଂଳାପ ପାଇଁ ଟ୍ରୋଲ ହେଉଥିବା ବେଳେ ଏବେ ଫିଲ୍ମର ଆୟ କମିବାରେ ଲାଗିଛି । ଯଦି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ପ୍ରଭାସ ଆଦିପୁରୁଷ ପାଇଁ ୧୫୦କୋଟି ଟଙ୍କା ପାରିଶ୍ରମିକ ନେଇଛନ୍ତି । କିଛି ଦିନ ହେବ ନିଜ ଫିଲ୍ମକୁ ନେଇ ବିବାଦୀୟ ହୋଇପର୍ଡ଼ିଥିବା ପ୍ରଭାସ ଏବେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି । ଯଦି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ପ୍ରଭାସ ତାଙ୍କ ଇଟାଲୀସ୍ଥିକ ବଙ୍ଗଳାକୁ ଭଡ଼ାରେ ଦେଇଛନ୍ତି । ରିପୋର୍ଟ ଅନୁଯାୟୀ, ପ୍ରଭାସ



ଇଟାଲୀରେ କିଛି ଟଙ୍କା ବିନିଯୋଗ କରିଥିଲେ । ସେଠାରେ ସେ ଏକ ବିଳାସପୂର୍ଣ୍ଣ ବଙ୍ଗଳା କିଣିଥିଲେ । ଯେଉଁଠାକୁ ସେ କେବଳ ତାଙ୍କର ସାଙ୍ଗମାନଙ୍କ ସହିତ ଯାଆନ୍ତି । ଜାତୀୟ ଗଣମାଧ୍ୟମ ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସେ ତାଙ୍କ ବଙ୍ଗଳାକୁ ଏବେ ଭଡାରେ ଦେଇଛନ୍ତି । କୁହାଯାଉଛି ଯେ, ପ୍ରଭାସ ତାଙ୍କ ବଙ୍ଗଳାକୁ ପର୍ଯ୍ୟଟକ କିମ୍ବା ଇଟାଲୀର ସ୍ଥାନୀୟ ଲୋକଙ୍କୁ ଭଡା ଦେବା ଆରମ୍ଭ କରିଛନ୍ତି । ଏହି ବଙ୍ଗଳାର ଭଡା ମାସକୁ ପ୍ରାୟ ୪୦ଲକ୍ଷ ଟଙ୍କା । ଏତେ ଟଙ୍କା ସହିତ ଜଣେ ବ୍ୟକ୍ତି ଭାରତରେ ୨ବିଏଚକେ କିଣି ପାରିବେ ।

# ବାପା ହେଲେ ସାଉଥ ସୁପରଷ୍ଟାର ରାମଚରଣ: ଘରକୁ ଆସିଲେ ମେଗା ପ୍ରିନସେସ୍



ବାପା ହେଲେ ସାଉଥ ସୁପରଷ୍ଟାର ତଥା ଆରଆରଆର୍ ଫେମ୍ ରାମଚରଣ । ଘରକୁ ଆସିଲେ ଲକ୍ଷ୍ମୀ । ହାଇଦ୍ରାବାଦର ଆପୋଲୋ ହସ୍ପିଟାଲରେ ରାମଚରଣଙ୍କ ପତ୍ନୀ ଉପାସନା ଆଜି ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି । ଉଭୟ ରାମଚରଣ ଓ ଉପାସନା ବିବାହର ୧୧ ବର୍ଷ ପରେ ପିତାମାତା ହେବାର ସୌଭାଗ୍ୟ ପାଇଥିବାରୁ ସେମାନଙ୍କ ଖୁସି ବନ୍ଧବାଡ଼ ମାନୁନି । ଉଭୟ ମା' ଓ ଶିଶୁ ସୁରକ୍ଷିତ ଥିବା ମେଡିକାଲ ତରଫରୁ ସୂଚନା ଦିଆଯାଇଛି ।

ରାମଚରଣ ବାପା ହେବା ପରେ ତାଙ୍କ ବାପା ମେଗାଷ୍ଟାର ଚିରଞ୍ଜୀବୀଙ୍କ ଘରେ ସେଲିବ୍ରେଶନ ଆରମ୍ଭ ହୋଇଯାଇଛି । ଦୀର୍ଘ ବର୍ଷ ପରେ ଘରକୁ ନୂଆ ଅତିଥି ଆସିଥିବାରୁ କାହାରି ପାଦ ତଳେ ଲାଗୁନି ।

ଗତକାଲି ଉପାସନା ଆପୋଲ ହସ୍ପିଟାଲରେ ପହଞ୍ଚିଥିବା ବେଳେ ଏହାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା । ଉପାସନା ମା' ହେବା ପରେ ରାମଚରଣଙ୍କ ଫ୍ୟାନ୍ସ ଶୁଭକାମନା ଜଣାଇବା ଆରମ୍ଭ କରି ଦେଇଛନ୍ତି । ଏପରିକି ମେଗାଷ୍ଟାର ଚିରଞ୍ଜୀବଙ୍କ ଘରକୁ ମେଗା ପ୍ରିନସ୍ସେସ୍ ଆସିଲେ ବୋଲି ବି ଟ୍ୱିଟ କରିବାକୁ ଲାଗିଛନ୍ତି ।

ରାମଚରଣ ଓ ଉପାସନା ୨୦୧୨ ମସିହା ଜୁନ୍ ୧୪ ତାରିଖରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । କିଛି ଦିନ ପୂର୍ବେ ସେମାନେ ନିଜ ୧୧ତମ ବିବାହ ବାର୍ଷିକୀକୁ ଖୁବ୍ ଧୁମଧାମରେ ସେଲିବ୍ରେଟ କରିଥିଲେ । ଆଉ ଆଜି ଉଭୟ ନିଜ ଜୀବନର ଏକ ନୂତନ ସୋପାନରେ ପାଦ ଦେଇଛନ୍ତି । କିଛି ଦିନ ପୂର୍ବେ ଏକ ସାକ୍ଷାତକାରରେ ଉପାସନା କହିଥିଲେ, ସାଧାରଣତଃ ଆଜିକାଲିର କପଲ୍ ସନ୍ତାନ ଜନ୍ମ ହେବା ପରେ ଯୌଥ ପରିବାରଠୁ ଅଲଗା ହୋଇଯାଉଛନ୍ତି । କିନ୍ତୁ ଆମେ ଏହାର ଓଲଟା । କାରଣ ସନ୍ତାନ ଲାଭ ପରେ ଆମେ ରାମଚରଣଙ୍କ ପିତାମାତାଙ୍କ ସହ ରହିବାକୁ ସ୍ଥିର କରିଛୁ । ଏହା ପଛର କାରଣ କ'ଣ ପଚାରିବାରୁ ଉପାସନା କହିଥିଲେ, ଆମେମାନେ ନିଜ ଜେଜେବାପା, ଜେଜେମା'ଙ୍କ ଗହଣରେ ବଡ଼ ହୋଇଛୁ । ତେଣୁ ଆମ ପିଲା ସେଥିରୁ ବଞ୍ଚିତ ହୁଅନ୍ତୁ ବୋଲି ଆମେ କେବି ବି ଚାହିଁବୁନି । ତେଣୁ ଆମେ ଏପରି ନିଷ୍ପତ୍ତି ନେଇଛୁ ।



# ଛାଡ଼ପତ୍ର ପୂର୍ବରୁ ରାକ୍ଷୀ ଦେଲେ ବ୍ରେକଅପ ପାର୍ଟି

ଆକ୍ଟିଂ ଅପେକ୍ଷା ନିଜ ବିବାଦୀୟ ବୟାନ ଯୋଗୁ ସବୁବେଳେ ଲାଇମ୍‌ଲାଇଟ୍‌ରେ ରହିଥାନ୍ତି ବଲିଉଡର ଡ୍ରାମା କୁଇନ୍ ରାକ୍ଷୀ ସାୱନ୍ତ । କିଛି ଦିନ ପୂର୍ବରୁ ସ୍ୱାମୀ ଆଦିଲ ଦୁରାନୀଙ୍କ ବିରୋଧରେ ନିର୍ଯାତନା ଓ ଦୁର୍ବ୍ୟବହାର ଆଣି ଖୁବ୍ ଚର୍ଚ୍ଚାରେ ଥିଲେ ରାକ୍ଷୀ । ଏବେ ରାକ୍ଷୀ ସ୍ୱାମୀ ଆଦିଲ ଦୁରାନୀଙ୍କୁ ଛାଡ଼ପତ୍ର ଦେବା ଖୁସିରେ ବ୍ରେକଅପ ପାର୍ଟି ଦେବା ସହ ଡ୍ୟାନ୍ସ କରି ଚର୍ଚ୍ଚା ପରିସରକୁ ଆସିଛନ୍ତି । ରାକ୍ଷୀଙ୍କ ଡ୍ୟାନ୍ସ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି । ରାକ୍ଷୀ ନିଜ ବ୍ରେକଅପ ପାର୍ଟିରେ କହିଛନ୍ତି, ମୋ ସ୍ୱାମୀ ଆଦିଲ ଦୁରାନୀଙ୍କୁ ମୁଁ ଛାଡ଼ପତ୍ର ହେଉଛି । ଏଥିପାଇଁ ମୋ ମନରେ ଟିକିଏ ହେଲେ ବି ଦୁଃଖ ନାହିଁ । ଏହି ବ୍ରେକଅପ୍ ପାର୍ଟି ମୁଁ ଦୁଃଖରେ ଦେଉ ନାହିଁ ବରଂ ଖୁସିରେ ଦେଉଛି । ରାକ୍ଷୀ ନିଜ ବ୍ରେକଅପ ପାର୍ଟିରେ ଲାଲ ଓ ଗୋଲଡେନ୍ ଲେହେଙ୍ଗା ପିନ୍ଧିଥିଲେ । ଏହାସହ ମ୍ୟାଚିଙ୍ଗ ସେଟ୍ ମଧ ପିନ୍ଧିଥିଲେ । ରାକ୍ଷୀ ନିଜ ସାଙ୍ଗରେ ଏକ ଢୋଲ ବାଲାକୁ ଆଣିଥିଲେ । ରାକ୍ଷୀ ଢୋଲ ବାଦ୍ୟର ତାଳେ ତାଳେ ଅଣ୍ଟା ହଲାଇ ଠୁମକା ଦେଉଥିଲେ ।



# ବଲାଣି ରେଳ ସାଇଡିଂରେ ଶ୍ରମିକ ଅଶାନ୍ତି: ରୁଙ୍ଗଟା କମ୍ପାନୀ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଲେ ଶତାଧିକ ଶ୍ରମିକ

ବଲାଣି, ୨୨/୦୬ (ନି.ପ୍ର): ବଲାଣି ରେଳ ସାଇଡିଂ ରେ ରୁଙ୍ଗଟା କମ୍ପାନୀର କୋଇଲା ଅନଲୋଡିଙ୍ଗକୁ ନେଇ ଶ୍ରମିକ ଅଶାନ୍ତି ଦେଖା ଦେଇଛି । ଶ୍ରମିକ ମାନେ କାମ ହରାଇ ବସିଥିବାରୁ ଆନ୍ଦୋଳନକୁ ଓହ୍ଲାଅଛନ୍ତି । ଏ ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବଲାଣି ରେଳ ସାଇଡିଂରେ ଶ୍ରମିକ ଭାବରେ ନିଯୁକ୍ତ ଶତାଧିକ ଶ୍ରମିକ । ବଲାଣି ଠିକା ମଜଦୁର ସଂଘର କାର୍ଯ୍ୟକାରୀ ସଭାପତି କମଳା ପତି ଯାଦବଙ୍କ ନେତୃତ୍ୱ ରେ ବୁଧବାର ଠାରୁ ବଲାଣି ରେଳ ସାଇଡିଂ ରେ ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଶ୍ରୀ ଯାଦବ କହିଛନ୍ତି ଯେ ଗତ ୩ ମାସ ହେଲା ବଲାଣି ରେଳ ସାଇଡିଂ ରେ ନିଯୁକ୍ତ ୮୦୦ରୁ ଉର୍ଦ୍ଧ୍ୱ ଶ୍ରମିକ କାମ ହରାଇ ବସିଛନ୍ତି । ଫଳରେ ଶ୍ରମିକଙ୍କ ଜୀବନ ଦୁର୍ବିସହ ହୋଇ ପଡିଛି । ଏଠାରେ ନିଯୁକ୍ତ ଥିବା ୮୦୦ ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ପରିବାର ନିମନ୍ତେ ପେଟକୁ ଦୁଇ ଓଳି ର ଖାଦ୍ୟ ସଂଗ୍ରହ କରିବା କଷ୍ଟକର ହୋଇ ପଡିଛି । ରୁଙ୍ଗଟା କମ୍ପାନୀର କୋଇଲା ରେକ ବଲାଣି ରେଳ ସାଇଡିଂ ରେ ଉକ୍ତ ଶ୍ରମିକଙ୍କ ଦ୍ୱାରା ଖାଲି କରାଯାଉଥିବା ବେଳେ ଗତ ୩ ମାସ ହେଲା ରୁଙ୍ଗଟା କମ୍ପାନୀ ବଲାଣି ରେଳ ସାଇଡିଂକୁ ରେଳ ଯୋଗେ କୋଇଲା ପରିବହନ କରିବା ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛି । ସେ ଅଭିଯୋଗ କରି କହିଛନ୍ତି ଯେ ରୁଙ୍ଗଟା କମ୍ପାନୀ ବଲାଣି ରେଳ ସାଇଡିଂ ପରିବର୍ତ୍ତେ ସମସ୍ତ ରେଳ ଡବା କୁ ବଡ଼ବିଲ ରେଳ ସାଇଡିଂ ରେ ମେସିନ ସାହାଯ୍ୟରେ ଖାଲି କରାଯାଉଛି । ଏହା ଦ୍ୱାରା ବଲାଣି ରେଳ ସାଇଡିଂ ରେ କାର୍ଯ୍ୟ କରୁଥିବା ୮୦୦ ରୁ ଉର୍ଦ୍ଧ୍ୱ ଶ୍ରମିକ କାମରୁ ବଂଚିତ ହୋଇଛନ୍ତି । ଶ୍ରୀ ଯାଦବ ଦାବି କରିଛନ୍ତି ଯେ ବଲାଣି ରେଳ ସାଇଡିଂ ରେ ଥିବା ରୁଙ୍ଗଟା ସାଇଡିଂ ରେ ଯଦି ରେଳ ଡବାରୁ କୋଇଲା ଖାଲି କରିବାକୁ ନଦିଆଯାଏ ତେବେ ଉକ୍ତ ସାଇଡିଂ ମେସିନ ସାହାଯ୍ୟରେ ଲୌହ ପଥର ବୋଝେଇ କାର୍ଯ୍ୟ ସାଇଡିଂ ରେ ନିଯୁକ୍ତ ଶ୍ରମିକଙ୍କ ଦ୍ୱାରା କରାଯାଉ । ତେବେ ପ୍ରଥମ ଦିନରେ ରୁଙ୍ଗଟା କମ୍ପାନୀ ପକ୍ଷରୁ କୌଣସି ପ୍ରତିନିଧି ଶ୍ରମିକଙ୍କ ସହ ଆଲୋଚନା କରି ନଥିବା ବେଳେ ସକାଳ ୯ ଟା ଠାରୁ ଦିନ ୧୨ ଟା ପର୍ଯ୍ୟନ୍ତ ଶ୍ରମିକ ମାନେ ଆନ୍ଦୋଳନ କରିଥିଲେ । ଶ୍ରମିକଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବା ସହିତ ଆଗାମୀ ଦିନରେ ଶ୍ରମିକ ମାନେ ରେଳ ଧାରଣାରେ ବସି ରେଳ ପରିବହନ କୁ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଆମ୍ବାଗୁଡା ଫାଣ୍ଡିକୁ ଥାନା କରାଯାଉ: ଦାବି ପୁରଣ ନହେଲେ ଆସନ୍ତା ୭ ତାରିଖରେ ଜାତୀୟ ରାଜପଥ ଅବରୋଧ ଚେତାବନୀ

ଜୟପୁର, ୨୨/୦୬ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡା ଫାଣ୍ଡିକୁ ତୁରନ୍ତ ଥାନା କରିବାକୁ ଦାବୀ ହୋଇଛି । ଏନେଇ ସମାଜସେବି ବି. ହରିରାଓ ଙ୍କ ନେତୃତ୍ୱରେ ଗ୍ରାମବାସୀ ଆଜି ଉପ ଜିଲାପାଳ ଙ୍କ ଦ୍ୱାରସ୍ଥ ହୋଇ ଦାବୀ ପତ୍ର ପ୍ରଦାନ କରାଯାଇଛି । ଆମ୍ବାଗୁଡା ଫାଣ୍ଡିକୁ ଥାନା ଘୋଷଣା କରନଗଲେ ଆସନ୍ତା ଜୁଲାଇ ୭ ତାରିଖରେ ଆମ୍ବାଗୁଡା ଛକ ନିକଟର ରାସ୍ତା ରୋକ କରି ଆନ୍ଦୋଳନ କରାଯିବ ବୋଲି ଚେତାବନି ଦେଇଛନ୍ତି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଆମ୍ବାଗୁଡା ଅଂଚଳ ଏକ ଜନଗହଳି ପୁଣ୍ଡ ସ୍ଥାନ ହୋଇଛି । ଏହାର ପରିସିମା ଦିନ କୁ ଦିନ ବଢି ଚାଲିଛି । ଏହି ଅଂଚଳ ଗୁଡିକରେ ଅନେକ ପ୍ରକାରର ଚୋରି, ଡକାୟତି ଓ ଆସାମାଜିକ କାଯ୍ୟ , ହତ୍ୟା, ରାସ୍ତା ଦୁର୍ଘଟଣା ପରି ଅପରାଧ ବାରମ୍ବାର ହେଉଥିବା ସତ୍ୱେ ଆମ୍ବାଗୁଡା ଫାଣ୍ଡି ତରଫରୁ ତୁରନ୍ତ କୌଣସି ସହାୟତା ପାଇପାରୁ ନାହିଁ । କାରଣ ଏହି ଫାଣ୍ଡି ଆମ୍ବାଗୁଡା ଗ୍ରାମ ଦେଇ ଯାଇଥିବା ଜାତୀୟ ରାଜପଥ ୨୬ ରେ ଥିବା ସତ୍ୱେ କେବଳ ୨ରୁ ୩ଟି ପୋଲିସ କର୍ମଚାରିଙ୍କ ଦ୍ୱାରା କୌଣସି ପ୍ରକାରର ଜନସାଧାରଣଙ୍କ ମଙ୍ଗଳ କାର୍ଯ୍ୟ ହୋଇପାରୁ ନାହିଁ । ଅନେକ ଗ୍ରାମ ଓ ପଂଚାୟତ ଆମ୍ବାଗୁଡା ଫାଣ୍ଡି ନିକଟରେ ଥାଇ ମଧ ବୋରିଗୁମ୍ମା ଥାନା ଅନ୍ତର୍ଭୁକ୍ତ କରାଯାଇଛି । ଫଳରେ କୌଣସି ଘଟଣା ଘଟିଲେ ୧୨ ରୁ ୧୩ କିମି ଦୁରରେ ଥିବା ବୋରିଗୁମ୍ମା ଥାନା କୁ ଯାଇ ଜଣାଇବାକୁ ପଡୁଛି । ସେ ମାନେ ଆସି ପହଂଚିବା ମଧରେ ଅପରାଥି ମାନେ ଅପରାଧ ଘଟାଇ ସେଠାରୁ ଚମ୍ପଟ ମାରୁଛନ୍ତି । ଗ୍ରାମବାସୀ ଦୁରରେ ଥିବା ବୋରିଗୁମ୍ମା କିମ୍ବା ଜୟପୁର ସଦର ଥାନା ଉପରେ ନିର୍ଭର କରିବାକୁ ପଡୁଛି । ଆମ୍ବାଗୁଡା ରେ ଘରୋଇ ଇଞ୍ଜିନେରିଙ୍ଗ କଲେଜ, ସରକାରି ମେଡିକାଲ, ସରକାରି କାଯ୍ୟାଳୟ, ବିଦ୍ୟାଳୟ, ବିଭିନ୍ନ ଛୋଟ ବଡ କାରଖାନା ଗୁଡିକ ରହିଛି । ଥାନା ନଥିବା ଯୋଗୁଁ ଟ୍ରାଫିକ ବ୍ୟବସ୍ଥା ମଧ ନାହିଁ । ଯଦ୍ୱାରା ବିଭିନ୍ନ ସସମ୍ୟା ଓ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ତେଣୁ ସରକାର ଆମ୍ବାଗୁଡା ଫାଣ୍ଡିକୁ ଥାନା ଘୋଷଣା କରିବାକୁ ଦାବୀ ହୋଇଛି । ଯଦି ସରକାର ତୁରନ୍ତ ଏହି ଦାବୀ ପୁରଣ ନକେଲେ ରାଜ ରାସ୍ତା କୁ ଓହ୍ଲାଇବାକୁ ଚେତାବନି ଦେଇଛନ୍ତି । ସେହିପରି ବୋରିଗୁଡ଼ା ପଂଚାୟତ ସମିତି ରଣସପୁର ଗ୍ରାମପଂଚାୟତର ରାଣିଗଡ ଗ୍ରାମରୁ ଯିବା ଆସିବା ନିମନ୍ତେ କୌଣସି ରାସ୍ତା ନାହିଁ । ଏପରି କି ଏଠାରେ ପାଣିର ସୁବିଧା, ଚିକିତ୍ସାଳୟ ମଧ ନାହିଁ । କାଗଜ କଲମରେ ହିଁ ଗ୍ରାମର ବିକାଶ ହୋଇଥିବା କୁହାଯାଉଛି ।

## କୋର୍ଟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

କେନ୍ଦ୍ରାପଡ଼ା, ୨୨/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି । ମାନ୍ୟବର ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ ମହାନ୍ତି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ କୋର୍ଟର ସମସ୍ତ ବିଚାରପତି ଏଥିରେ ଅଂଶ ଗ୍ରହଣ କରି ଯୋଗ କରିଥିଲେ । ଯୋଗ ଦ୍ୱାରା ପ୍ରତ୍ୟେକ ମଣିଷର ସ୍ୱାସ୍ଥ୍ୟ ଓ ମସ୍ତିଷ୍କ ସୁସ୍ଥ ରହିଥାଏ ବୋଲି ମାନ୍ୟବର ବିଚାରପତି ମାନେ ମତବ୍ୟକ୍ତ କରିଥିଲେ । ବୁଧବାର ସକାଳେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋର୍ଟର ଅନ୍ୟ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ ।

# ବିଦ୍ୟୁତ ବିଭାଗ ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇବେ ଗ୍ରାମବାସୀ

କୋରେଇ, ୨୨/୦୬ (ନି.ପ୍ର): ରାଜ୍ୟ ସରକାର ଓଡ଼ିଶାର ଜନସାଧରଣଙ୍କର ସୁବିଧା ଲାଗି ନୁହେଁ ବରଂ ୨୦୨୪ରେ ନିର୍ବାଚନୀ ଖର୍ଚ୍ଚ ଉଠାଇବା ଲାଗି ଟାଟା ପାୱାର ହାତରେ ବିଦ୍ୟୁତ ବିଭାଗକୁ ଟେକି ଦେଇଛନ୍ତି । ତୁରନ୍ତ ସମାଧାନ ନ ହେଲେ ଆଗାମୀ ନିର୍ବାଚନରେ ବିଜେଡ଼ି ସରକାରଙ୍କୁ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ଏଠାରେ ପ୍ରକାଶ ଥାଉକି ରାଜ୍ୟ ସରକାର ମେ ୨୮ ତାରିଖ ୨୦୨୦ରୁ ଟାଟାକୁ ରାଜ୍ୟର ବିଦ୍ୟୁତ ବଂଟନ ଦାୟିତ୍ୱ ଦେବା ପରେ ସାରା ରାଜ୍ୟର ବିଦ୍ୟୁତ ସମସ୍ୟା ବଢ଼ି ବଢ଼ି ଚାଲିଛି । ମନଇଛା ବିଦ୍ୟୁତ ବିଲ.ଘଂଟା ଘଂଟା ମରାମତି ଆଳରେ ପାୱାର କଟ କିମ୍ବା ସାମାନ୍ୟ ବର୍ଷା ପବନ ଆସିଲେ ବିଦ୍ୟୁତ ସରାହବରାହ ବନ୍ଦ ଭଳି ଦୈନନ୍ଦିନ ସମସ୍ୟା ବଢ଼ି ଚାଲିଛି । ପାଣିକୋଇଲି ବିଦ୍ୟୁତ ବିଭାଗ ଅଧିନରେ ଥିବା ଦାମୋଦରପୁର ଗ୍ରାମବାସୀଙ୍କ ଅବସ୍ଥା କହିଲେ ନ ସରେ । ଅଘୋଷିତ ବିଦ୍ୟୁତ କାଟ ସହିତ ଦିନ ଦିନ ଧରି ଲାଇନ ନରହିବା ଯୋଗୁଁ ଅଂଚଳ ବାସୀଙ୍କ ସମସ୍ୟା ବଢ଼ି ବଢ଼ି ଚାଲିଛି ଟାଟା ପାୱାର ଦାୟିତ୍ୱ ନେବା ପରେ ।ସୁଚନାଯୋଗ୍ୟ ଯେ ପାଣିକୋଇଲି ପିଦ୍ୟୁତ ସବଷ୍ଟେସନରୁ ଦାମୋଦରପୁର ଗ୍ରାମବାସୀ ମାନେ ପାଉଥିବାଲାଇନଟି ସୋତି ଫିଡ଼ର ସହିତ ରହିଅଛି । ଉକ୍ତ ଫିଡ଼ରଟି ଉପରେ ଗୋଲେଇପୁର ସମେତ ସୋତି, ହାଟସାହି,ଟିକର, ତେଲିଆ, ଖାନ୍ଦରାପୁର, ବାଙ୍କସାହି, ତଣ୍ଡରା, ବଡ଼ବିରୁହାଁ, ବରେଇ ଆଦି ଗ୍ରାମର ଉପଭୋକ୍ତା ମାନେ ନିର୍ଭରଶୀଳ ଥିବା ବେଳେ ତାହା ଅନୁନ୍ୟ ୧୫ କିମି ଦୂରକୁ ବିଦ୍ୟୁତ ଯୋଗାଉଛି । ଦାବୋଦରପୁର ଗ୍ରାମର ଜନସାଧାରଣ ଉକ୍ତ ସୋତି ଫିଡ଼ରରୁ ଲାଇନ ପାଉଥବା ବେଳେ ତାହାର ଫ୍ୟୁଜ ପଏଂଟ ଏକ ବିଲ ମଟଝିରେ ଥିବାରୁ ରାତିରେ ଫ୍ୟୁଜ ଚାଲିଗଲେ ସେ ସ୍ଥାନକୁ ଯାଇ ଫ୍ୟୁଜ ବାନ୍ଧିବା ବିପଦଜନକ ହୋଇଥିବାରୁ ତଥା ବିଷଧର ସର୍ପଙ୍କ ସ୍ଥାନ ହୋଇଥିବାରୁ କର୍ମଚାରୀ ମାନେ ରାତିରେ ଆସି ଫ୍ୟୁଜ ବାନ୍ଧିବାକୁ ଭୟ କରନ୍ତି । ଫଳରେ ପୁରା ଗ୍ରାମବାସୀ ମାନେ ରାତି ସାରା ଅନ୍ଧାରରେ ରୁହନ୍ତି । ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କ ଦରଫରୁ ଦାମୋଦରପୁର ଗ୍ରାମବାସୀ ପାଉଥିବା ଲାଇନଟିକୁ ଅନ୍ୟ ଫିଡ଼ରକୁ ବଦଳାଇବା ଲାଗି ବାରମ୍ବାର ଦାବି ସତ୍ୱେ ବିଭାଗୀୟ ଅଧିକାରୀ ମାନେ କର୍ଣପାତ କରୁନାହାନ୍ତି । ଫଳରେ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି ।ଯଦି ଟାଟା ପାୱାର କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ଧ୍ୟାନ ନ ଦିଅନ୍ତି ତେବେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି ।

# ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ

ପୁରୀ , ୨୨/୦୬ (ନି.ପ୍ର):ପବିତ୍ର ରଥଯାତ୍ରା-୨୦୨୩ ଅବସରରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଂଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ସ୍ଥାନୀୟ ଭୋଳାନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ସହିତ ଆୟୋଜିତ ଏହି ଫଟୋଚିତ୍ର ପ୍ରଦର୍ଶନୀରେ ଚନ୍ଦନ ଯାତ୍ରା ଠାରୁ ଆରମ୍ଭ କରି ଅଧରପଣା ପର୍ଯ୍ୟନ୍ତ ସମସ୍ତ ପ୍ରମୁଖ ନୀତି, ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ, ଭୋଗ ଓ ପର୍ବପର୍ବାଣି, ସମୟ ଚକ୍ରରେ ଶ୍ରୀମନ୍ଦିର ଏବଂ ବିଦେଶୀ ଓ ଭାରତୀୟ ମୁଦ୍ରାରେ ଶ୍ରୀମନ୍ଦିର ଆଦି ବିରଳ ଓ ଦୁର୍ଲ୍ଲଭ ଫଟୋ ପ୍ରଦର୍ଶିତ ହୋଇଛି । ତତ୍ ସହିତ, ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରମୁଖ ଜନହିତକର ଯୋଜନା ଓ ଉପଲବ୍ଧି, କୃଷି ବଜେଟ୍, ମୋ ଘର, ମଧୁବାବୁ ପେନସନ ଯୋଜନାର ହିତାଧିକାରୀଙ୍କୁ ନଗଦ ଆକାରରେ ଅର୍ଥ ପ୍ରଦାନ, ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ରାଜ୍ୟ ସରକାରଙ୍କୁ ପ୍ରଦତ୍ତ ସମ୍ମାନ ସମ୍ପର୍କୀତ ତଥ୍ୟ ଓ ଫଟୋଚିତ୍ର ସ୍ଥାନିତ ହୋଇଛି । ଏଥି ସହିତ, ପ୍ରଦର୍ଶନୀ ମଣ୍ଡପର ବାହାର କାନ୍ଥରେ ନେତ୍ରୋତ୍ସବ ଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ନୀତି ନିର୍ଘଣ୍ଟର ସଂକ୍ଷିପ୍ତ ସୂଚନା ପ୍ରଦାନ କରାଯାଇଛି । ଏହି ପ୍ରଦର୍ଶନୀ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ଖୋଲା ରହିବ । ଉପସ୍ଥିତ ଥିଲେ ।

# ଚାଉଳରେ ପୃଥିବୀର କ୍ଷୁଦ୍ରାକୃତି ରଥ ଗଢ଼ିଲେ ଏନ୍. ପ୍ରତ୍ୟୁଷ

କନ୍ଧମାଳ, ୨୨/୦୬ (ନି.ପ୍ର): ଅରୁଆ ଚାଉଳରେ, ପୃଥିବୀର କ୍ଷୁଦ୍ରାକୃତି ରଥ ଗଢି ସମସ୍ତଙ୍କୁ ଚକିତ କରିଛନ୍ତି ଫୁଲବାଣୀ ନଦୀଖଣ୍ଡି ସାହିର ଯୁବଶିଳ୍ପୀ ଏନ୍. ପ୍ରତ୍ୟୁଷ କୁମାର ଚୌଧୁରୀ । ସେ ୪ ଦିନର ଅକ୍ଲାନ୍ତ ପରିଶ୍ରମ କରି, ୧୦୧ଟି ଚାଉଳରେ ଓ ୪୮ଟି ଧଳା ସୋରିଷରେ ଗଢିଛନ୍ତି ଏହି କ୍ଷୁଦ୍ର ନନ୍ଦିଘୋଷ ରଥ । ଚାଉଳରେ ରଥକୁ ପ୍ରସ୍ତୁତ କରିଥିବା ବେଳେ ଧଳା ଶୋରିଷ ରେ, ରଥର ଚକ ସବୁ କରିଛନ୍ତି ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି ପ୍ରତ୍ୟୁଷ । ତେବେ ଏହି ରଥର ଉଚ୍ଚତା ମାତ୍ର ୨ ସେଣ୍ଟିମିଟର ରହିଥିବା ବେଳେ ଚଉଡା ୧.୫ ଓ ଦୈର୍ଘ୍ୟ ୧.୯ ସେ.ମି ରହିଛି । ପୂର୍ବରୁ ପ୍ରତ୍ୟୁଷ ଚକଖଡିରେ, ଏକ ୨.୪ ସେ.ମିର ରଥ ଗଢି ରେକର୍ଡ କରିଥିଲେ । ଏବେ ସେ ନିଜ ରେକର୍ଡ ଭାଙ୍ଗିଥିବା ଦାବି କରିଛନ୍ତି । ଏହି ବିରଳ କଳାକୃତିକୁ ବିଭିନ୍ନ ରେକର୍ଡ ବୁକକୁ ପଠାଇବା ପାଇଁ ଯୋଜନା ରଖିଥିବା ସେ ପ୍ରକାଶ କରିଛନ୍ତି । ଫୁଲବାଣୀ ନଦୀଖଣ୍ଡି ସାହି ନିବାସୀ ଅବସରପ୍ରାପ୍ତ ସେନା କର୍ମଚାରୀ ଏନ ପ୍ରେମ ଚୌଧୁରୀ ଓ ମମତା ଚୌଧୁରୀଙ୍କ ପୁଅ ପ୍ରତ୍ୟୁଷ, ଖଲ୍ଲିକୋଟ ଆର୍ଟ ଏଣ୍ଡ କ୍ରାଫ୍ଟ କଲେଜରୁ ଭିଜୁଆଲ ଆର୍ଟସରେ ପାଠ୍ୟକ୍ରମ ସାରିବା ପରେ ଏବେ ଅହମ୍ମଦାବାଦ ଠାରେ ଗ୍ରାଫିକ ଡିଜାଇନିଙ୍ଗରେ ମାଷ୍ଟର କୋର୍ସ କରୁଛନ୍ତି । ପୂର୍ବରୁ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ପ୍ୟାସନ ଏକ୍ସପ୍ଲୋଜନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲେ । ନିଜର ବିରଳ ପ୍ରତିଭା ପାଇଁ ସେ ଇଣ୍ଡିଆ ବୁକ ଅଫ୍ ରେକର୍ଡ୍‌ରେ ମଧ ସ୍ଥାନ ପାଇଛନ୍ତି । ଯୁବ ପ୍ରତିଭା ପ୍ରତ୍ୟୁଷଙ୍କ ଏହି ଅନନ୍ୟ କଳାକୃତି ସମସ୍ତଙ୍କୁ ଚକିତ କରିଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି ।

# ଶ୍ରମ ଅଫିସ୍ ସମ୍ମୁଖରେ ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଧାରଣା ଆରମ୍ଭ

ଜୟପୁର, ୨୨/୦୬ (ନି.ପ୍ର): ସେବା କାଗଜ କଳ ର ଅବସରପ୍ରାପ୍ତ ଶ୍ରମିକ ଓ ମୃତ ଶ୍ରମିକଙ୍କ ବିଧବା ପତ୍ନୀ ଏବଂ କାର୍ଯ୍ୟରତ ଶ୍ରମିକମାନେ ସେମାନଙ୍କ ନ୍ୟାୟ ପାଇବା ଆଶାରେ ଶ୍ରମ ମନ୍ତ୍ରୀଙ୍କୁ ଡିଏଲସି ଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରି ଆଜି ଠାରୁ ଏକ ଘଂଟିଆ ଧାରଣା ଆରମ୍ଭ କରିଛନ୍ତି । ପ୍ରତିଦିନ ସକାଳ ଘ ୧୦.୦୦ ରୁ ୧୧.୦୦ ପର୍ଯ୍ୟନ୍ତ ଦାବି ସମ୍ବଳିତ ବ୍ୟାନର ଧରି ଶ୍ରମ ମନ୍ତ୍ରୀଙ୍କୁ ଗୁହାରି ଜଣାଇ ବସିବେ । ଶ୍ରମ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଏହି ଦାବି ପତ୍ର ରେ ଉଲ୍ଲେଖ ରହିଛି ଯେ ୨୦୨୦ ଫେବୃଆରୀରୁ କାରଖାନା ମଦର ଆର୍ଥ୍ ରିସୋର୍ସ କମ୍ପାନୀ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ବଳରେ ହାତକୁ ନେଇଛି । ଏହି କାରଖାନାକୁ ଚଲେଇବା ପାଇଁ କାରଖାନା ନାଁ ରେ ୧୫୦ କୋଟି ଟଙ୍କା ଋଣ ଇଣ୍ଡସ୍ ଇଣ୍ଡ ବ୍ୟାଙ୍କରୁ ନେଇଛି । କମ୍ପାନୀ ହାତକୁ ନେବା ପୂର୍ବରୁ ଏବଂ ଋଣ ନେବା ବେଳେ ମଧ ରାଜ୍ୟ ସରକାରଙ୍କ ପାଖରୁ କୌଣସି ଏନ୍ ଓ ସି ନେଇନଥିଲା । ୨୦୨୦ ଜୁନ୍ ଆଠ ତାରିଖରେ ଋଣ ନେଇ ସେଥିରୁ ୧୦୦ କୋଟି ଟଙ୍କା ପୁରୁଣା ମାଲିକ ଗୌତମ ଥାପରଙ୍କୁ ଦେଇଦେଲେ ଅଥଚ ଶ୍ରମିକ ମାନଙ୍କ ପ୍ରୋଭିଡେଂଟ ଫଣ୍ଡ୍ ଟଙ୍କା ବନ୍ଧା ହେଲା ନାହିଁ । ୨୦୨୦ ରୁ ଶ୍ରମିକ ମାନେ ଜମା ଟଙ୍କା ଉଠାଇ ପାରୁନାହାନ୍ତି କି ପେନସନ ସୁବିଧା ପାଇପାରୁ ନାହାନ୍ତି । ଗ୍ରାଚ୍ୟୁଇଟି ବକେୟା ପାଉଣା ପାଇଁ ଅପେକ୍ଷା କରି ରହିଥିଲେ ମଧ ମ୍ୟାନେଜମେଂଟ ଫାଙ୍କି ଚାଲିଛି । ଶ୍ରମ ଅଧିକାରୀ ଗ୍ରାଚ୍ୟୁଇଟି କେସ୍ ଫୈସଲା କରି ଅର୍ଡର୍ ଦେବାପରେ ମଧ ମ୍ୟାନେଜମେଂଟ ଦେଉନାହିଁ । କାରଖାନା ଚାଲିଛି, କାଗଜ ଉତ୍ପାଦନ ହେଉଛି, ବିକ୍ରି ହେଉଛି କିନ୍ତୁ ଶ୍ରମିକ ମାନଙ୍କୁ ପି ଏଫ୍ , ପେନସନ , ଗ୍ରାଚ୍ୟୁଇଟି, ବକେୟା ପାଉଣା ରୁ ବଂଚିତ କରାଯାଉଛି । ଆଶ୍ଚର୍ଯ୍ୟର କଥା କାର୍ଯ୍ୟରତ ଶ୍ରମିକମାନଙ୍କୁ ଅଧା ଦରମା ଅଗ୍ରୀମ ଆକାରରେ ଦେଉଛି ତାହା ମଧ ୨/୩ ମାସରେ ଥରେ , କଂଟ୍ରାକ୍ଟର ଲେବର, ସେକ୍ୟୁରିଟୀ ଗାର୍ଡ ମାନଙ୍କୁ ୪/୫ ମାସରେ ଥରେ ଦରମା ମିଳୁଛି । ଅନବରତ ଚାଲୁଥିବା କାରଖାନା ଶ୍ରମିକଙ୍କୁ ନିର୍ଦ୍ଦିଷ୍ଟ ତାରିଖରେ ପ୍ରତି ମାସରେ ଦରମା ଦେବା ପାଇଁ ଆଇନ ଅଛି । ଏଭଳି ଶ୍ରମିକ ଶୋଷଣ ବିରଳ । ନ୍ୟାୟ ପାଇଁ ଦାବି କଲେ ମ୍ୟାନେଜମେଂଟ ଧମକ ଦେଉଛି କାରଖାନା ବନ୍ଦ କରିଦେବ । ଏ କିଭଳି ବ୍ୟବସ୍ଥା ? ଏ ପ୍ରଶ୍ନ ର ସମାଧାନ କେବଳ ରାଜ୍ୟ ସରକାର ଙ୍କ ଶ୍ରମ ବିଭାଗ ହିଁ କରିପାରିବେ । ଏଣୁ ଶ୍ରମ ମନ୍ତ୍ରୀ ଙ୍କୁ ଗୁହାରି କରିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ହସ୍ତକ୍ଷେପ କରି ଶ୍ରମିକ ମାନଙ୍କ ସମସ୍ୟା ସମାଧାନ କରାଯାଉ । ଏହି ଧାରଣା ଶାନ୍ତି ପୁର୍ଣ୍ଣ ଭାବେ ସମସ୍ୟା ସମାଧାନ ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଆଜିର ଧାରଣା ରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ବସନ୍ତ ବେହେରା, ସରୋଜ ସୁଆର, ଅଲେଖ ପାତ୍ର, ବିଚିତ୍ର ରାଉତରାୟ, ଏମ୍ ଭି ରାବଣା , ଜୟରାମ ପ୍ରସାଦ, ରୁକ୍ମିଣୀ ସଉରା,କୁନୀ ମାଣ୍ଡି, ରାନୀ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ ।

## ଜଙ୍ଗଲ ଜମିରେ ବ୍ୟକ୍ତିଗତ ପୋଖରୀକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ

ଚମ୍ପୁଆ, ୨୨/୦୬ (ନି.ପ୍ର): ଚମ୍ପୁଆ ରେଞ୍ଜ ଉଖୁଣ୍ଡା ବନଖଣ୍ଡ ଅଧିନସ୍ଥ ମଣ୍ଡମା ଗ୍ରାମରେ ଥିବା ଗ୍ରାମ୍ୟ ଜଙ୍ଗଲ ଜମିରେ ବ୍ୟକ୍ତିଗତ ପୋଖରୀ ଖନନକୁ ନେଇ ଗ୍ରାମବାସୀମାନେ ଚମ୍ପୁଆ ରେଞ୍ଜରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ମଣ୍ଡମା ଗ୍ରାମର ଗ୍ରାମବାସୀମାନେ ଗାଡିଆବଣ ଅଂଚଳରେ ଆଜକୁ ଦୀର୍ଘ ୩୫ ବର୍ଷ ଧରି ବନବିଭାଗ ସହାୟତା ରେ ବୃକ୍ଷ ରୋପଣ କରି ଏକ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବା ସହିତ ତାହାର ଦେଖା ଶୁଣା କରି ଆସୁଥିଲେ । କିନ୍ତୁ ସେହି ଗ୍ରାମର ଟଙ୍କଧର ମହାନ୍ତ ନାମକ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଗ୍ରାମ୍ୟ ଜଙ୍ଗଲରେ ଥିବା ଗଛଗୁଡ଼ିକୁ କାଟି ସଫା କରିବା ସହିତ ଜେସିବି ମେସିନ ଲଗାଇ ନିଜର ଏକ ବ୍ୟକ୍ତିଗତ ପୋଖରୀ ଖନନ କରୁଛନ୍ତି । ଗ୍ରାମବାସୀ ମାନେ ଏହା ଜାଣିବା ପରେ ଚମ୍ପୁଆ ରେଞ୍ଜରଙ୍କ କାର୍ଯ୍ୟାଳୟକୁ ଆସି ଏ ନେଇ ଚମ୍ପୁଆ ରେଞ୍ଜରଙ୍କୁ ଏକ ଲିଖିତ ଅଭିଯୋଗ ଦେବା ସହିତ ଏହି ଅଭିଯୋଗର ଏକକିତା ନକଲ ବିଡିଓ, ତହସିଲଦାର, ଡିଏଫଓ ଏବଂ ଜିଲ୍ଲାପାଳଙ୍କୁ ଦେଇଥିବା ସୂଚନା ମିଳିଛି । ତେବେ ଚମ୍ପୁଆ ରେଞ୍ଜର ଶ୍ରୀ ଅକ୍ଷୟ ଛତ୍ରିଆଙ୍କୁ ଏ ବିଷୟରେ ପଚାରିବାରୁ ସେ ଉକ୍ତ ଗ୍ରାମ୍ୟ ଜଙ୍ଗଲ କେଉଁ କିସମର ଜମି ରେ ଅବସ୍ଥିତ ତାହା ପ୍ରଥମେ ତଦାରଖ କରାଯିବା ସହିତ ଆବଶ୍ୟକ ସ୍ଥଳେ ଦୋଷୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ମହାପ୍ରୟାଣ ଲୋକାର୍ପିତ, ସମାଜ ସେବାରେ ସମର୍ପିତ ଜିଲ୍ଲା ସାମ୍ବାଦିକ ସଂଘ : ଅସିତ ତ୍ରିପାଠୀ

ଭୁବନେଶ୍ୱର, ୨୨/୦୬ (ନି.ପ୍ର):ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରଦତ ପାଣ୍ଠିରେ ଏବଂ ଜିଲ୍ଲା ସାମ୍ବାଦିକ ସଂଘ ଓ ଜର୍ନାଲିଷ୍ଟ ୱେଲଫାୟାର ଟ୍ରଷ୍ଟ ପରିଚାଳନାରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ମହାପ୍ରୟାଣ ଯାନ ଲୋକାର୍ପିତ ହୋଇଯାଇଛି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଲୋକାର୍ପିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ଚଂଚଳ ରାଣା, ଏସପି ରିଷିକେଶ ଖିଲାରୀ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡଃ. ଅଜିତ କୁମାର ମିଶ୍ର ଯୋଗଦେଇ ଥିଲେ । ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ ମହାପ୍ରୟାଣ ଯାନ ଲୋକାର୍ପିତ କରି ସାମ୍ବାଦିକ ସଂଘ ଓ ଜର୍ନାଲିଷ୍ଟ ୱେଲଫାୟାର ଟ୍ରଷ୍ଟ ମାନବ ସେବାରେ ସମର୍ପିତ ମନୋଭାବକୁ ସାଧୁବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ଜର୍ନାଲିଷ୍ଟ ୱେଲଫାୟାର ଟ୍ରଷ୍ଟର ଅଧ୍ୟକ୍ଷ ସତ୍ୟ ସୁନ୍ଦର ଭଞ୍ଜ, ସମ୍ପାଦକ ହରିନାରାୟଣ ପୁଜାରୀ, ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଶିଶିରକାନ୍ତ ସତପଥୀ, ସାଙ୍ଗଠନିକ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ସୁନୀଲ ମହାନ୍ତି, ବରିଷ୍ଠ ସଦସ୍ୟ ଗୋପବନ୍ଧୁ ସତପଥୀ, ସୁଧୀର ଚନ୍ଦ୍ର ପଣ୍ଡା, ନବୀନ ପଶାୟତ, ଶରତ ମହାକୁର, ସୁଧୀର ମିଶ୍ର, ଗୋପାଳ ପ୍ରଧାନ, ମୁକେଶ ବହିଦାର, ଘଟେଶ୍ୱର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିରେନ୍ଦ୍ର ଝାଙ୍କର, ପ୍ରଦିପ୍ତ ମିଶ୍ର, ଚିତରଞ୍ଜନ ମିଶ୍ର, ଚନ୍ଦ୍ରଭାନୁ ମୋଲାନା, ନୂତନ ମିଶ୍ର, ସାମ୍ବାଦିକ ଅରୁଣ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହରର ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତାମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ । ଆଜିଠାରୁ ଏହି ମହାପ୍ରୟାଣ ଯାନ ସ୍ୱଳ୍ପ ମୁଲ୍ୟରେ ଲୋକଙ୍କ ସେବାରେ ଯୋଗାଇଦେବ ବୋଲି କୁହାଯାଇଛି ।

## ଜିଲ୍ଲାରେ ରାଷ୍ଟ୍ରୀୟ ବୌଦ୍ଧ ମହାସଭା ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୨୨/୦୬ (ନି.ପ୍ର): କେନ୍ଦ୍ରାପଡାରେ ରାଷ୍ଟ୍ରୀୟ ବୌଦ୍ଧ ମହାସଭା ବୁଧବାର ପବ୍ଲିକ ରିଡିଂ ରୁମ ଠାରେ ଅନୁଷ୍ଠିତ ହୋଇ ଯାଇଛି । କିଶୋର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବୌଦ୍ଧ ମହାସଭାର ରାଷ୍ଟ୍ରୀୟ ଉପ ସଭାପତି ମହେଶ୍ୱର ବୌଦ୍ଧ ମୁଖ୍ୟ ଅତିଥି ଭାବେ, ରାଜ୍ୟ ସାଧାରଣ ସଂପାଦକ ରାଜେନ୍ଦ୍ର କୁମାର ଭକ୍ତ ମୁଖ୍ୟ ବକ୍ତା ଭାବେ, ଆମ୍ବେଦକର ଲୋହିଆ ବିଚାର ମଂଚର ସାଧାରଣ ସଂପାଦକ ଦଶରଥ ମଲ୍ଲିକ ଓ କୈାଳସ ଚନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ, ଜିଲ୍ଲା ସଭାପତି ବିଳାଶିନୀ ମଲ୍ଲିକ, ସେକ ଅହେସାନ ଅଲ୍ଲୀ, ରୋହିତ ମଲ୍ଲିକ ପ୍ରମୁଖ ଯୋଗ ଦେଇ ସଂଗଠନକୁ ମଜବୁତ କରିବା ଉପରେ ଆଲୋଚନା କରିଥିଲେ । ତୃଣମୂଳ ସ୍ତରରୁ ଆରମ୍ଭ କରି ସଂଗଠନ କିଭଳି ମଜବୁତ ହେବା ସହ ଆଗକୁ ବଢି ପାରିବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା ।

# ମହିଳାଙ୍କୁ ଟାଣି ନେଇ ମାରିଦେଲା କୁମ୍ଭୀର: ମୃତଦେହ ଉଦ୍ଧାର

କେନ୍ଦ୍ରାପଡ଼ା, ୨୨/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଚାନ୍ଦି ବାଉଁଶମୂଳ ପଂଚାୟତର ହାତିଆଗଡି ଗାଁରେ କୁମ୍ଭୀର ଟାଣି ନେଇ ଜଣେ ମହିଳାଙ୍କୁ ମାରି ଦେଇଥିବା ଜଣାପଡିଛି । ଅଗ୍ନିଶମ ବିଭାଗର ଖୋଜାଖୋଜି ପରେ ପାଖ ନାଳରୁ ମହିଳାଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ଖବର ମୁତାବକ ଆଜି ଅପରାହ୍ନରେ ହାତିଆଗଡି ଗାଁର ସୀତାରାଣୀ ଦାସ ନିଜ ବାରିପଟ ପୋଖରୀରେ ବାସନ ମଜୁଥିବା ବେଳେ କୁମ୍ଭୀର ଆକ୍ରମଣର ଶୀକାର ହୋଇଥିଲେ । ପୂର୍ବରୁ ପୋଖରୀ ମଧ୍ୟରେ ଲୁଚି ରହିଥିବା କୁମ୍ଭୀର ସୀତାଙ୍କୁ ପାଣି ଭିତରକୁ ଟାଣିନେଇ ପାଖରେ ଥିବା ଚରଡିଆ ନାଳ ମଧ୍ୟକୁ ନେଇ ଯାଇଥିଲା । ପରିବାର ଲୋକେ ବହୁ ସମୟ ପର୍ଯ୍ୟନ୍ତ ସୀତା ଘରକୁ ନ ଫେରିବାରୁ କୁମ୍ଭୀର ନେଇ ଯାଇଥିବା ଆଶଙ୍କା କରି ବନ ବିଭାଗ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ପାଖରେ ପ୍ରବାହିତ ବ୍ରାହ୍ମଣୀ ନଦୀ ସହିତ ଚରଡିଆ ନାଳର ସଂଯୋଗ ରହିଛି ଓ ସୀତା ବାସନ ଧୋଉଥିବା ପୋଖରୀ ସହ ଚରଡିଆ ନାଳର ସଂପର୍କ ଥିବାରୁ କୁମ୍ଭୀର ବ୍ରାହ୍ମଣୀ ନଦୀରୁ ଚରଡିଆ ନାଳ ବାଟେ ପୋଖରୀରେ ପ୍ରବେଶ କରି ଲୁଚି ରହିଥିଲା । ସୀତାଙ୍କ ବୟସ ମାତ୍ର ୪୦ ବର୍ଷ ହୋଇଥିବା ବେଳେ ତାଙ୍କ ସ୍ୱାମୀ ବୈକୁଣ୍ଠ ଦାସ ବାହାର ରାଜ୍ୟରେ ରହି କାମ କରନ୍ତି । ସୀତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ସହ ଉତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଲୋକେ ରାଜନଗର ଭିତରକନିକା ରାସ୍ତାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅବରୋଧ କରି ରଖିଥିଲେ । ସ୍ଥାନୀୟ ତହସିଲଦାର ଓ ବନ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଁଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ଏଠାରେ ସୂଚନା ଯୋଗ୍ୟ ଚଳିତ ମାସ ୧୪ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ଗାଁରେ ଜନେ ୧୦ ବର୍ଷର ବଙ୍କଳ କୁ କୁମ୍ଭୀର ଟାଣିନେଇ ମାରି ଦେଇଥିଲା । ନଈକୂଳିଆ ଗାଁର ଲୋକମାନେ ଓ ଗୃହପାଳିତ ପଶୁମାନେ ବାରମ୍ବାର କୁମ୍ଭୀର ଆକ୍ରମଣର ଶୀକରା ହେଉଥିବାରୁ ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି ।

# ୫ଟି ସଚିବ କମ୍ୟୁନିଟି ହଲ ପାଇଁ ଦେଇଥିବା ଟଙ୍କାକୁ ଅନ୍ୟତ୍ର ଖର୍ଚ୍ଚ ପାଇଁ ତୀବ୍ର ବିରୋଧ

କେନ୍ଦ୍ରାପଡ଼ା, ୨୨/୦୬ (ନି.ପ୍ର): କେନ୍ଦ୍ରାପଡା ଗସ୍ତରେ ଆସିଥିବା ୫ଟି ସଚିବ ଜମଧର ପଂଚାୟତର ୧୩ନଂ ୱାର୍ଡବାସୀଙ୍କ ଅନୁରୋଧ କ୍ରମେ ମା' କେନ୍ଦୁଖାଇ ଠାକୁରାଣୀ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ଓ କମ୍ୟୁନିଟି ହଲ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ ଏହାକୁ ଚଂଚକତା କରି କେତେକ ବ୍ୟକ୍ତି ସାହିତ୍ୟ ସଂସଦ ଭବନ ନିର୍ମାଣ ପାଇଁ ଉଦ୍ୟମ କରୁଥିବା ଜାଣିବା ପରେ ଗ୍ରାମବାସୀ ମାନେ ଏହାର ତୀବ୍ର ବିରୋଧ କରି ମାନ୍ୟବର ବିଧାୟକ ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

# ଆଞ୍ଚଳିକ ମୁନୀସମାଜ ଛଚିନା ଶାଖାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ




ଛଚିନା , ୨୨/୦୬ (ନି.ପ୍ର): ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନିସମାଜ, ଓଡ଼ିଶା ପ୍ରାନ୍ତ, ଛଚିନା-ଶାଖାରେ,ଅନ୍ତର୍ଜାତୀୟ ଯୋଗ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ସକାଳ ୭ ଟା ସମୟରେ,ଆଶ୍ରମରୁ ଏକ ଶୋଭାଯାତ୍ରା ବାହାରି , ନଗର ପରିକ୍ରମା କରିବା ପରେ ମଣତାପାଳ ଅଙ୍ଗନବାଡ଼ି ପଡ଼ିଆ ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା ।ଉକ୍ତ ସଭାରେ ସଭାପତି ଆସନ ଅଳଙ୍କୃତ କରିଥିଲେ, ମୁନିସମାଜର ଜ୍ୟୋତି ଜିଲ୍ଲା ସମ୍ପାଦକ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ପ୍ରାନ୍ତୀୟ ଅଧ୍ୟକ୍ଷ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହୀ ମହୋଦୟ । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ,ଗୁଡ଼ିଖାଲ ଜୋନ୍ ସଙ୍ଗଠକ,ପ୍ରାନ୍ତୀୟ ସହ ସମ୍ପାଦକ , ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ।ଉପସ୍ଥିତ ଥିଲେ ଯୋଗୀ ଆଦିତ୍ୟ ମୁନି,ଯୋଗୀ ଧରଣୀଧର ମୁନି ,ମୁନିରାଜ ସୁରେନ୍ଦ୍ର ମୁନି ପ୍ରମୁଖ ବହୁ ଯୋଗୀ,ଯୋଗଶିକ୍ଷୟତ୍ରୀ । ବହୁ ସଂଖ୍ୟାରେ ମୁନି ମୁନିମତୀ ଜିଜ୍ଞାସୁ ଜନାର୍ଦ୍ଦନ ଯୋଗ ଦାନ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।ଯୋଗ ଦ୍ୱାରା ବ୍ୟକ୍ତିତ୍ୱର ବିକାଶ ସହିତ ମାନବ ସମାଜର ସାମଗ୍ରିକ ଉନ୍ନତି ହୋଇ ପାରିବ ବୋଲି ସଭାପତି ପ୍ରକାଶ କରିଥିଲେ । ଦିବଙ୍ଗତ ପ୍ରାନ୍ତୀୟ ଅଧ୍ୟକ୍ଷ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ କାଳିଚରଣ ମୁନିଜୀ ଙ୍କର ଆଜିର ଦିନରେ ମହାପ୍ରୟାଣ ହୋଇଥିବାରୁ,ମୁଖ୍ୟ ବକ୍ତା ମୁନି ସମାଜ ପ୍ରତି ତାଙ୍କ ର ଅବଦାନ ବିଷୟରେ ବହୁ ତଥ୍ୟ ସଭାରେ ଉପସ୍ଥାପନ ସହିତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।ଶେଷରେ ମୁନିରାଜ ଅମୂଲ୍ୟ ମୁନି ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ,ମୁନିରାଜ ସୁଧୀର ସାମନ୍ତ ଏବଂ ଶୁଶିଲ ବେହେରା,ସଭାରେ ଉପସ୍ଥିତ ସମସ୍ତଙ୍କୁ ସୁସ୍ୱାଦୁ ବ୍ୟଞ୍ଜନ ସେବନରେ ଆପ୍ୟାୟିତ କରିଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ

ବାଲେଶ୍ୱର, ୨୨/୦୬ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ରେଳ ଦୁର୍ଘଟଣାରେ ମୃତ ଓ ଆହତଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩୬,୧୦୦ଟଙ୍କା ପ୍ରଦାନ କରଯାଇଛି। ସଂଗଠନର ଏକ ପ୍ରତିନିଧି ଦଳ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଅତିରିକ୍ତ ଜିଲାପାଳଙ୍କୁ ଏହି ଅର୍ଥରାଶି ପ୍ରଦାନ କରିଛନ୍ତି। ପୂର୍ବରୁ ଦୁର୍ଘଟଣାରେ ଆହତଙ୍କର ଆଶୁ ଆରୋଗ୍ୟ କାମନା ସହିତ ଏଭଳି ଦାରୁଣ ବିପଦ ସମୟରେ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ସଭାପତି ଇଂ. ବନମାଳୀ ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବଢ଼ିଲା ହୋମଗାର୍ଡଙ୍କ....

ଏହି ନିର୍ଦ୍ଦେଶ ଦ୍ୱାରା ରାଜ୍ୟର ପ୍ରାୟ ୧୮ହଜାରରୁ ଅଧିକ ହୋମଗାର୍ଡ ଉପକୃତ ହେବେ। ସୂଚନାଯୋଗ୍ୟ, ଯାଜପୁର ଜିଲ୍ଲାର ବରି ଥାନା ଅଂଚଳର ହୋମଗାର୍ଡ ରଞ୍ଜନ କୁମାର ମଲ୍ଲିକ ଗତ ମେ' ୩୦ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖି ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିବା ସମ୍ଭବପର ହେଉନଥିବା ତଥା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପାରିଶ୍ରମିକ ବୃଦ୍ଧି ହେଉନଥିବା ପ୍ରତିବାଦରେ ସେ ରାଷ୍ଟ୍ରପତିଙ୍କ ନିକଟରେ ଇଚ୍ଛାମୃତ୍ୟୁ ପାଇଁ ଦାବି କରିଥିଲେ । ଶ୍ରୀ ମଲ୍ଲିକ ଏବେ ନିଖିଳ ଉତ୍କଳ ହୋମଗାର୍ଡ ମହାସଂଘର ସଭାପତି ଭାବେ କାର୍ଯ୍ୟ କରୁଛନ୍ତି।

## ବିଜେଡିକୁ ଘାରିଛି ....

ପ୍ରଣବପ୍ରକାଶ ଦାସଙ୍କ ମାଧ୍ୟମରେ କଲ୍ ଯାଉଥିବା ଜଣାପଡ଼ିଛି । ଅକ୍ଷୟ ତୃତୀୟାରେ 'ଶଙ୍ଖ ଭବନ' ଉଦଘାଟନ ଦିନ ସକାଳେ ମୋଟ ୪୫ଜଣ ବିଧାୟକଙ୍କୁ ନବୀନ ନିବାସ ଡକାଯାଇ ଏହି ୩ପଦ କଥା କହିଥିବାବେଳେ ମେ' ଶେଷ ସପ୍ତାହରେ ଆଉ ୧୩ଜଣ ଏବଂ ରଥଯାତ୍ରା ଓ ତା'ପରଦିନ ଅପରାହ୍ଣରେ ଆଉ ୨୧ଜଣ ବିଧାୟକ ଓ ନେତାଙ୍କୁ ଡାକି ଏଭଳି ଭରସା ଦେଇଛନ୍ତି । ସୂଚନା ଅନୁସାରେ ଦଳରେ ବଢୁଥିବା ଗୋଷ୍ଠୀକନ୍ଦଳ ଓ ସମାନ୍ତରାଳ ସଂଗଠନ, ଗତଥର ଭଳି ଟିକେଟ୍ କିଣାବିକାକୁ ଏଡ଼ାଇବା ଏବଂ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କୁ ହେଉଥିବା ବିରୋଧକୁ ଦୃଷ୍ଟିରେ ରଖି ଦଳୀୟ ନେତୃତ୍ୱ ଏସବୁ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ରହିବାକୁ ଗ୍ରୀନ୍ ସିଗନାଲ ଦେଉଛନ୍ତି । ପୁରୀରୁ ସମ୍ବଲପୁର, ନୟାଗଡ଼ରୁ ସୁନ୍ଦରଗଡ଼, ଜଗତସିଂହପୁରରୁ ଝାରସୁଗୁଡ଼ା, କଟକରୁ ବଲାଙ୍ଗିର, କେନ୍ଦ୍ରାପଡ଼ାରୁ କୋରାପୁଟ ପର୍ଯ୍ୟନ୍ତ ସବୁଠି ଦଳରେ ସମାନ୍ତରାଳ ସଂଗଠନ ସହ ତୀବ୍ର ଗୋଷ୍ଠୀକନ୍ଦଳକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ୩ଟି ପର୍ଯ୍ୟାୟରେ ମୋଟ ୭୯ଟି ବିଧାନସଭା ଆସନରେ ପ୍ରାର୍ଥୀ ଚୟନ କାର୍ଯ୍ୟ ଶେଷ କରିଥିବା ଜଣାପଡ଼ିଛି । ବାକି ୬୮ଟି ଆସନରେ ଦଳ ଅଧିକ ସଂଖ୍ୟକ ମହିଳା ପ୍ରାର୍ଥୀଙ୍କ ଅନ୍ୱେଷଣରେ ରହିଥିବା ସୂଚନା ମିଳିଛି । ବିଜେଡି ସୂତ୍ର ଅନୁସାରେ, ଷୋଡ଼ଶ ବିଧାନସଭାରେ ବିଜେଡିର ମୋଟ ୪୭ଜଣ ବିଧାୟକ ଏଭଳି ଅଛନ୍ତି ଯେଉଁମାନେ ପ୍ରଥମଥର ନିର୍ବାଚନ ଜିତିକି ଆସିଛନ୍ତି । ଏମାନଙ୍କ ମଧ୍ୟରୁ ଦଳ ମାତ୍ର ୩୦ ପ୍ରତିଶତ ବିଧାୟକଙ୍କୁ ପୁଣିଥରେ ଟିକେଟ୍ ଦେବାର ସମ୍ଭାବନା ରହିଛି । ଏପରିକି ସେମାନଙ୍କ ମଧ୍ୟରୁ କିଛି ବିଧାୟକ ଯଥା- ରୁଦ୍ର ମହାରଥୀ, ଦୀପାଳି ଦାସ, ଅଳକା ମହାନ୍ତି, ବାସନ୍ତୀ ହେମ୍ବ୍ରମ, ସଞ୍ଜିବ ମଲ୍ଲିକ, ସମ୍ବିତ ରାଉତରାୟ, ଲତିକା ପ୍ରଧାନଙ୍କୁ ଇତିମଧ୍ୟରେ ଆଗାମୀ ନିର୍ବାଚନ ପାଇଁ ଗ୍ରୀନ୍ ସିଗନାଲ ଦିଆଯାଇଛି । ସେହିପରି ପଂଚଦଶ ବିଧାନସଭାର ମୋଟ ୫୭ଜଣ ଦଳୀୟ ବିଧାୟକ ପୁନର୍ବାର ଷୋଡ଼ଶ ବିଧାନସଭାକୁ ନିର୍ବାଚନ ହୋଇଥିଲେ ମଧ୍ୟ ବିଜେଡି ସେମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ବିଧାୟକ ପୁଣିଥରେ ଟିକେଟ୍ ପାଇବାର ସମ୍ଭାବନା ରହିଛି । ବିଧାନସଭାରେ ଏବେ ଦଳର ୧୭ଜଣ ମହିଳା ବିଧାୟକ ଅଛନ୍ତି, ଆଗାମୀ ନିର୍ବାଚନରେ ଅଧିକ ସଂଖ୍ୟକ ମହିଳାଙ୍କୁ ଦଳ ଟିକେଟ୍ ଦେବାକୁ ଯୋଜନା ରଖିଛି । ୨ଜଣ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ପ୍ରଶାନ୍ତ ଜଗଦେବଙ୍କୁ ଦଳ ବହିଷ୍କାର କରିସାରିଥିବାବେଳେ ବାକି ୫୫ଜଣଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଦଳ ପକ୍ଷରୁ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଗ୍ରୀନ୍ ସିଗନାଲ ମିଳିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୧୯ ମସିହାରେ ୧୪୭ ଆସନ ବିଶିଷ୍ଟ ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେଡି ମୋଟ ୪୪.୭% ଭୋଟ୍ ପାଇଥିବାବେଳେ ବିଜେପି ୩୨.୫% ଓ କଂଗ୍ରେସକୁ ୧୬.୧ ପ୍ରତିଶତ ଭୋଟ୍ ମିଳିଥିଲା । ପଶ୍ଚିମଓଡ଼ିଶାରେ ବିଜେଡି ଅଧିକ ଫୋକସ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେଠାରେ ଆଉ ଥରେ ପ୍ରାର୍ଥୀ କରାଇବାକୁ ମଧ୍ୟ ରଣନୀତି ପ୍ରସ୍ତୁତ କରିଥିବା

## ମଣିପୁରରେ ପୁଣି .....

ଉକ୍ତ ଯବାନଙ୍କ ଦେହରେ ଗୁଳିମାଡ଼ ହୋଇଥିଲା। ତାଙ୍କୁ ଲେଇମାଖୋଙ୍ଗ ମିଲିଟାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ମଣିପୁରରେ ଏବେ ବି ପୋଡ଼ାଜଳା ଜାରି ରହିଛି। ସ୍ଥିତିକୁ ଦୃଷ୍ଟିରେ ରାଜ୍ୟରେ ଇଣ୍ଟରନେଟ ସେବାର ବ୍ୟାନ ଅବଧିକୁ ଜୁନ ୨୫ ଯାଏ ବୃଦ୍ଧି କରାଯାଇଛି।

## ବିରୋଧୀଙ୍କ ବଡ଼ .....

ଆସନ୍ତା ମୌସୁମୀ ଅଧିବେଶନ ବେଳେ ଉଭୟ ଲୋକସଭା ଓ ରାଜ୍ୟରେ ଏହି ଅଧ୍ୟାଦେଶକୁ ବିଲ୍ ଆକାରରେ ଉପସ୍ଥାପନ କରାଯିବ। ଏହା ରାଜ୍ୟସଭାରେ ଯେମିତି ପାସ୍ ନ ହେବ, ସେଥିପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସବୁ ବିରୋଧୀ ଦଳର ମୁଖିଆମାନଙ୍କୁ ଭେଟି ସମର୍ଥନ ଯୋଗାଡ଼ କରୁଛନ୍ତି। ହେଲେ କଂଗ୍ରେସ ଏଯାଏ ଅଧ୍ୟାଦେଶ ପ୍ରସଙ୍ଗରେ ଆପ୍‌କୁ ସମର୍ଥନ କରି ନାହିଁ। ରାଜ୍ୟସଭାରେ କଂଗ୍ରେସର ସମର୍ଥନ ବିନା ଆପ୍ କେବେ ହେଲେ କେନ୍ଦ୍ରର ବିଲକୁ ଅଟକାଇ ପାରିବ ନାହିଁ। ତେଣୁ ଆପ୍ ପକ୍ଷରୁ ବିରୋଧୀଙ୍କ ବୈଠକ ପୂର୍ବରୁ ଏପରି ସର୍ତ୍ତ ଉପସ୍ଥାପନ କରାଯାଇଛି।

# 'ବିସିଇଟି'ରେ ରଥଯାତ୍ରା ସମ୍ପନ୍ନ

ବାଲେଶ୍ୱର, ୨୨/୦୬ (ନି.ପ୍ର): ସେରଗଡ଼ସ୍ଥିତ ବାଲେଶ୍ୱର କଲେଜ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି) ଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଶ୍ରଦ୍ଧା ଓ ଭକ୍ତିର ସହ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ନୀତିପୂଜା ପରେ ତିନି ଦିଅଁଙ୍କୁ ପହଣ୍ଡି ବିଜେ ରଥାରୂଢ଼ କରାଯାଇଥିଲା। ବିସିଇଟିର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ ଛେରା ପହଁରା କରିଥିଲେ। ଡ. ବିଶ୍ୱାଳଙ୍କ ସହଧର୍ମିଣୀ ତଥା ପରିଚାଳନା ପରିଷଦର ସଂପାଦିକା ସୁବ୍ରତା ବିଶ୍ୱାଳ, ପୁତ୍ର ତଥା ଅନୁଷ୍ଠାନର ଉପ-ସଭାପତି ଅଭିଷେକ ବିଶ୍ୱାଳ ଓ ତାଙ୍କ ଧର୍ମପତ୍ନୀ ତଥା ଅନୁଷ୍ଠାନର ସହ-ଉପସଭାପତି ରାଜଶ୍ରୀ ସ୍ୱାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶହ ଶହ ଶ୍ରଦ୍ଧାଳୁ ଶାନ୍ତିଶୃଙ୍ଖଳାର ସହ ରଥ ଟଣିଥିଲେ। ଜୟ ଜଗନ୍ନାଥ ଧ୍ୱନି ସାଙ୍ଗକୁ ଘଣ୍ଟ, ଘଣ୍ଟା, ଭଜନ କୀର୍ତ୍ତନରେ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀଜୀଉଙ୍କ ରଥ କଲେଜ ପରିସରରୁ ବାହାରି ସେରଗଡ଼ ବଜାର ନିକଟସ୍ଥ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ଟଣାହୋଇ ଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଶରତ କୁମାର ମିଶ୍ର ଓ ଅଧ୍ୟକ୍ଷ ଡ. ଶିବେନ୍ଦ୍ର କୁମାର ଘଡ଼ାଇ, ଉପ-ନିର୍ଦ୍ଦେଶକ ସୁଭ୍ରାଂଶୁ ଶେଖର ସାମନ୍ତ, ଉପାଧ୍ୟକ୍ଷ ଇଂ. ମିଥୁନ କୁମାର କରଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏହି ରଥଟଣା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ତ୍ତିକ ଚନ୍ଦ୍ର ଦାସ, ଦାମୋଦର ପରିଡ଼ା, ପରମେଶ୍ୱର ରଥ, ଗଙ୍ଗାଧର ଦଳେଇ, ଶରଚ ଚନ୍ଦ୍ର ଦାସ ପ୍ରମୁଖ ସେରଗଡ଼ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜନଗହଳି ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷାରେ ସେରଗଡ଼ ଫାଣ୍ଡି ପୁଲିସ ବିଶେଷ ଦାୟିତ୍ୱ ତୁଲାଇଥିଲା।

## ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପଦାନ

କୋରେଇ, ୨୨/୦୬ (ନି.ପ୍ର): ସରକାର ବରିଷ୍ଠ ନାଗରିକ ମାନଙ୍କୁ ସୁରକ୍ଷା ସହିତ ଅନ୍ୟାନ୍ୟ ସୁବିଧା ଲାଗି ପରିଚୟ ପତ୍ର ପ୍ରଦାନ କରୁଅଛନ୍ତି। ପାଣିକୋଇଲିର ବରିଷ୍ଠ ନାଗରିକ ମଂଚର ୩୭ ଜଣ ସଦସ୍ୟଙ୍କୁ ଜିଲ୍ଲା ପୁଲିସ ତରଫରୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଉକ୍ତ ପରିଚୟ ପତ୍ର ଗୁଡ଼ିକୁ ପାଣିକୋଇଲି ଥାନାଧିକାରିଣୀ ଚିନ୍ମୟୀ ବେହେରା ବରିଷ୍ଠ ନାଗରିକ ମଂଚର ସଭାପତି ନୃସିଂହ ଚରଣ ଦଳାଇ ଓ ସମ୍ପାଦକ ସୁରେନ୍ଦ୍ର କୁମାର ରାୟଙ୍କୁ ପ୍ରଦାନ କରିଥିଲେ।

# ୨ୟ ଶ୍ରୀକ୍ଷେତ୍ର ବାରିପଦାରେ ଘୋଷଯାତ୍ରା

## ଲୋକାରଣ୍ୟ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବଡଦାଣ୍ଡ



ବାରିପଦା, ୨୨/୦୬ (ନି.ପ୍ର): ୨ୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାର ପରଂପରା ବେଶ ଅଲଗା । ଏଠାରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଶ୍ରୀକ୍ଷେତ୍ର ପୁରି ରଥଯାତ୍ରା ଦିନ ମହାପ୍ରଭୁଙ୍କର ରଥକୁ କେବଳ ପହଣ୍ଡି ହୋଇଥାଏ ଏବଂ ପର ଦୁଇଦିନ ରଥ ଟଣା ହୋଇଥାଏ । ତେବେ ଆଜି ବାରିପଦାରେ ପ୍ରଥମ ଦିନର ଘୋଷଯାତ୍ରା ଅନୁଷ୍ଠିତ ହୋଇ ଥିବା ବେଳେ ପ୍ରଥମେ ବିଧିମୁତାବକ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଭକ୍ତମାନେ ଟାଣି ନେଇ ମାଉସୀବାଡି ନିକଟରେ ପହଂଚାଇବା ପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳା ଭକ୍ତ ମାନେ ଟାଣିନେଇ ଅଧାବାଟରେ ଅର୍ଥାତ ବାରିପଦା ଟାଉନ ଥାନା ସମ୍ମୁଖରେ ପହଂଚାଇଛନ୍ତି । ଦେବୀ ସୁଭଦ୍ରାଙ୍କ ରଥ ଟାଣିବାକୁ ମହିଳା ଭକ୍ତ ମାନଙ୍କ ମଧ୍ୟରେ ଅଭୁତ ପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା. ତେବେ ଆଜି ସମ୍ପୂର୍ଣ ବଡଦାଣ୍ଡ ରଥମୟ, ଦେବମୟ ତଥା ଲୋକାରଣ୍ୟ ପାଲଟିଥିବା ବେଳେ, ଆଜି ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥ ଟାଣାରେ ରାଜ୍ୟ ଗଣ ଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି , ଆଇଜି ହିମାଂଶୁ ଲାଲ, ମୟୁରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ମୟୁରଭଂଜ ଏସପି ବି. ଗଙ୍ଗାଧର, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ସରୋଜିନି ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମରାଣ୍ଡି, ପୂର୍ବତନ ଏସଡିସି ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ପ୍ରମୁଖଙ୍କ ସହ ବହୁ ରାଜ ନେତା, ସରକାରୀ ଅଧିକାରୀ, କଳାକାର ମାନେ ଯୋଗଦେଇ ରଥ ଟାଣିଥିଲେ । ରଥଟଣା ପରେ ଆଜି ରାତିରେ ଶ୍ରୀ ବିଗ୍ରହ ମାନେ ଯେଯାର ରଥ ଉପରେ ପୂଜା ପାଉଛନ୍ତି । ହଜାର ହଜାର ଭକ୍ତ ରଥ ଉପରେ ମହାପ୍ରଭୁଙ୍କୁ ପୂଜାକରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ତେବେ ଆଜି ଦିନ ତମାମ ପ୍ରବଳ ଗ୍ରୀଷ୍ମ ଏବଂ ଗୁଳୁ ଗୁଳି ହେଉଥିବା ବେଳେ ରଥ ଟଣା ବେଳକୁ ଅନୁକୂଳ ମେଘୁଆ ପାଗ ରହିଥିବାରୁ ଚଳିତ ବର୍ଷ ରଥଯାତ୍ରାରେ ବ୍ୟାପକ ଭୀଡ ପରିଲକ୍ଷିତ ହୋଇଥିଲା । ଆଜି ପ୍ରଥମ ରଥ ଟଣାରେ ୨ୟ ଶ୍ରୀକ୍ଷେତ୍ର ବାରିପଦାର ପୁରା ବଡ଼ଦାଣ୍ଡ ଲୋକାରଣ୍ୟ ହୋଇ ଉଠିଥିଲା ଭକ୍ତ ମାନଙ୍କର ଶଙ୍ଖ ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠୁଥିଲା ସମଗ୍ର ବଡ଼ଦାଣ୍ଡ. ଗୁଳୁଗୁଳିରୁ ତ୍ରାହି ପାଇଁ ପ୍ରଶାସନ ତରଫରୁ କୃତିମ ବର୍ଷାର ବ୍ୟବସ୍ଥା କରାଯାଇଥିଲା । ବଡଦାଣ୍ଡରେ ଭକ୍ତମାନେ ରଥ ଉପରେ ଠାକୁରଙ୍କୁ ଦର୍ଶନ ପାଇଁ ବ୍ୟାକୁଳ ହୋଇ ଉଠିଥିଲେ । ବାରିପଦା ରଥଯାତ୍ରାର ଅନ୍ୟଏକ ବିଶେଷତ୍ୱ ହେଉଛି ଏଠାକାର ବଡ ଦାଣ୍ଡରେ ରଥ ଟଣା ବେଳେ, ଆଦିବାସୀ ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତିର ଏକ ଅପୂର୍ବ ମିଳନ ଘଟିଥାଏ । ବଡ ଦାଣ୍ଡରେ ଖୋଳକୀର୍ତ୍ତନ, ଓଡିଶୀ, ପାଇକ ନାଚ ଆଦି ସହ ଆଦିବାସୀ ସଂସ୍କୃତିର ଝଲକ ମାନ ଦେଖିବାକୁ ମିଳିଥିଲା । ସେହି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଗନ୍ନାଥ ମନ୍ଦିର ନିକଟରେ, କଲେଜ ଛକ ନିକଟରେ ଏବଂ ମାଉସୀ ବାଡ଼ି ନିକଟରେ ଥିବା ସୂଚନା କେନ୍ଦ୍ରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଜଗନ୍ନାଥ ସଂସ୍କୃତି ଗବେଷକ, ପ୍ରବଚକ ମାନଙ୍କର ଧାରା ବିବରଣୀ ପରିବେଶକୁ ଅଧିକ ଭକ୍ତିମୟ କରିଥିଲା. ସନ୍ଧ୍ୟା ରେ ବିଭିନ୍ନ ସ୍ଥାନରେ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି। ତେବେ ଗୁରୁବାର ଦିନ ତିନିଦିଅଁ ମାଉସୀ ଘରେ ପହଂଚିବା ପରେ ଜନ୍ମବେଦୀକୁ ବିଜେ କରିବେ । ମାଉସୀ ଘରେ ରହିବା ଭିତରେ ପ୍ରତିଦିନ ବିଭିନ୍ନ ବେଶରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେବାର ବିଧି ରହିଥିବା ବେଳେ, ଦୁର୍ଲଭ ବେଶ ଦେଖିବା ପାଇଁ ମଧ୍ୟ ବ୍ୟାପକ ଜନଗହଳି ଲାଗିଥାଏ । ତେବେ ଶୃଙ୍ଖଳିତ ରଥଯାତ୍ରା ଓ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାର ଦେଖା ଯାଇଛି । ସେହିଭଳି ରଥଯାତ୍ରା ଉପଲକ୍ଷେ ଲାଗିଥିବା ମେଳାରେ ଚଳିତ ବର୍ଷ ବହୁ ଦୋକାନ ବଜାର ବସିଥିବା ବେଳେ, ଇଲେକ୍ଟ୍ରି ଦୋଳି ଆଦି ଲୋକଙ୍କୁ ବେଶ ଆକୃଷ୍ଟ କରୁଥିବାର ଦେଖାଯାଉଛି ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା




ଭଦ୍ରକ, ୨୨/୦୬ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ଶ୍ରମବିଭାଗ ଜରିଆରେ ଶିଶୁ ଶ୍ରମିକ ନିରାକରଣ ଶୋଭାଯାତ୍ରା ଆୟୋଜିତ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଭଦ୍ରକ ଶ୍ରମବିଭାଗର ମଣ୍ଡଳ ଶ୍ରମ ଆୟୁକ୍ତ ଶ୍ରୀ ସଚିଦାନନ୍ଦ ଜେନା, ସହ ଶ୍ରମ ଅଧିକାରୀ ଶ୍ରୀ ରତ୍ନାକର ମଲିକ ଏବଂ ଶ୍ରୀମତୀ ପ୍ରେମମଞ୍ଜରୀ ନାୟକ, ଚାଇଲ୍ଡ ଲାଇନ୍ ଆସିଆନାର ସଂଯୋଜକ ରିଆଜ ଅହମଦ, ଚାଇଲ୍ଡ ଲାଇନ୍ ସଂଯୋଜକ ରମାକାନ୍ତ ଜେନା, ଚାଇଲ୍ଡ ଲାଇନ୍ ସବ୍‌ସେଣ୍ଟର ଚାନ୍ଦବାଲିର ଶ୍ରୀମତୀ ବନସ୍ମିତା ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗରୁ ସୁବ୍ରତ ଦାସ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ, ଦେବରାଜ ପାଣିଗ୍ରାହୀ, ଭାରତୀ ରାଉତ, ସଦସ୍ୟ ଅମର ବାରିକ ଶ୍ରମ ସଂଗଠନର କର୍ମକର୍ତ୍ତା ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ। ଶୋଭାଯାତ୍ରା ଭଦ୍ରକ ଶ୍ରମ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ସହର ପରିକ୍ରମା କରି ସମାଜକୁ ଶିଶୁ ଶ୍ରମମୁକ୍ତ କରିବାର ବାର୍ତ୍ତା ପ୍ରଚାର ଏବଂ ପ୍ରସାର କରାଯାଇଥିଲା ଏବଂ ଶିଶୁ ଶ୍ରମିକ ନିଯୁକ୍ତି ଦାତାଙ୍କୁ ଦଣ୍ଡବିଧାନର ବାର୍ତ୍ତା ପ୍ରଚାର କରାଯାଇଥିଲା। ଜିଲ୍ଲା ପୋଲିସ୍ ବିଭାଗର ସହଯୋଗରେ ଏହି ଶୋଭାଯାତ୍ରା ସଫଳଭାବରେ ସମ୍ପୂର୍ଣ୍ଣ ହୋଇଥିଲା।

## ବିବାହ ବାର୍ଷିକୀରେ ରକ୍ତଦାନ କଲେ ପତି-ପତ୍ନୀ

ବାଲେଶ୍ୱର, ୨୨/୦୬ (ନି.ପ୍ର): ନିଆରା ଢଙ୍ଗରେ ବିବାହ ବାର୍ଷିକ ପାଳନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ମାନବ ସମ୍ବଳ ବିଭାଗ ସହ-ଅଧିକାରୀ ଦେବଶିଷ ପାଣି। ୨୦ ତମ ବିବାହ ବାର୍ଷିକରେ ଶ୍ରୀ ପାଣି ଓ ସହଧର୍ମିଣୀ ସ୍ୱର୍ଣ୍ଣପ୍ରଭା ପାଣି ଗୁରୁବାର ରକ୍ତଦାନ କରିଛନ୍ତି। କେନ୍ଦ୍ର ସମବାୟ କର୍ମଚାରୀ ସଂଘ ସଭାପତି କବି ପ୍ରଶାନ୍ତ ଦାସ ଓ ଜିଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ଉପସ୍ଥିତିରେ ଉଭୟ ପତି-ପତ୍ନୀ ରକ୍ତଦାନ କରିଥିଲେ।

# ରୋଜାଲିନ ମୃତ୍ୟୁ ଘଟଣାକୁ ନେଇ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ

କୋରେଇ, ୨୨/୦୬ (ନି.ପ୍ର): ୧୫ ଦିନ ମଧ୍ୟରେ ରୋଜାଲିନ ପାତ୍ର ମୃତ୍ୟୁ ମାମଲାରୁ ପରଦା ହଟିବ । ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆନ୍ଦୋଳନ କାରୀ ଓ ପୁଲିସ ଅଧିକାରୀଙ୍କ ମଧ୍ୟରେ ଆଲୋଚନାରେ ନିର୍ଯ୍ୟାସ ବାହାରିଛି । ପ୍ରକାଶଯେ ଯାଜପୁର ଜିଲ୍ଲା କୋରାଇ ଥାନା ଅନ୍ତର୍ଗତ ରଗଡିସ୍ଥିତ ସରକାରୀ ପଲିଟେକନିକର ଡ଼ିପ୍ଲୋମା ଶେଷ ବର୍ଷର ଛାତ୍ରୀ ରୋଜାଲିନ ପାତ୍ରର ମୃତ୍ୟୁର ତିନି ମାସ ପରେ ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ତ ଦୂରରେ ଥାଉ ମୃତ୍ୟୁର ପରଦା ବି ଉଠାଇ ପାରିଲା ନାହି। ଫଳରେ ପୁଲିସର ପାରିବା ପାଣିଆ ନେଇ ଧର୍ମଶାଳାର ସାମାଜିକ କର୍ମୀ ସତିଶ ବିଶ୍ୱାଳଙ୍କ ନେତୃତ୍ୱରେ ରୋଜାଲିନର ପିତା ମାତାଙ୍କ ସମେତ ଶତାଧିକ ଗ୍ରାମବାସୀ ମାନେ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସୁଚନା ଯୋଗ୍ୟଯେ ଗତ ମାର୍ଚ୍ଚ ମାସ ୨୭ ତାରିଖ ଦିନ ରଗଡ଼ିସ୍ଥିତ ସରକାରୀ ପଲିଟେକନିକର ଇଲେକଟ୍ରିକାଲ ଡ଼ିପ୍ଲୋମାରେ ତୃତୀୟ ବର୍ଷର ଛାତ୍ରୀ ରୋଜାଲିନ ପାତ୍ରଙ୍କର ମୃତଦେହ ପଲିଟେକନିକର ହଷ୍ଟେଲ ରୁମରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୁଲିସ ଓ କଲେଜ କର୍ତୃପକ୍ଷ ରୋଜାଲିନର ମୃତ୍ୟୁକୁ ଆତ୍ମହତ୍ୟା ବୋଲି କହୁଥିବା ବେଳେ କିନ୍ତୁ ତାର ପରିବାର ଲୋକେ ଏହା ଏକ ହତ୍ୟା ଷଡ଼ଯନ୍ତ୍ର ବୋଲି କହିଛନ୍ତି। ତେବେ ମୃତ୍ୟୁ ପୂର୍ବରୁ କଲେଜର ଜଣେ ଛାତ୍ର ଓ ଦୁଇ ଜଣ ଛାତ୍ରୀ ରୋଜାଲିନକୁ ବିଭିନ୍ନ ଘଟଣାକୁ ନେଇ ର୍‍ୟାଗିଂ କରୁଥିବାର ତାର ପିତା ଅମୁଲ୍ୟ ପାତ୍ର ପୁଲିସ ନିକଟରେ ଦାଖଲ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ମାତ୍ର କୋରାଇ ପୁଲିସ ଉକ୍ତ ଘଟଣାକୁ ହାଲୁକା ଭାବେ ନେଇ କେବଳ ଏକ ମାମଲା ୮୦/୨୩ ଦଫା ୩୦୨,୨୯୪,୫୦୭,୩୪ରେ ପଂଜିକୃତ କରିଥିଲେ ମଧ୍ୟ କେବଳ ସହପାଠୀ ମାନଙ୍କୁ ପଚରା ଉଚରା ଓ ବ୍ୟବଚ୍ଛେଦରେ କେଶ ସାରି କରିଦେଇଛି। ମାତ୍ର ରୋଜାଲିନର ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା ତାହାର ପରଦା ଉଠାଇ ପାରୁନାହିଁ। ଏପରିକି ରୋଜାଲିନର ମୋବାଇଲରୁ ସିମ ଗାଏବ ଥିବାରୁ ପ୍ରମାଣ ମିଳିପାରୁ ନାହିଁ ବୋଲି କହି ପୁଲିସ ରୋଜାଲିନର ପିତାମାତାଙ୍କୁ ଅନ୍ଧାରରେ ରଖିଛି। ରୋଜାଲିନର ପିତା ଏକ ଶ୍ରମିକ ଶ୍ରେଣୀୟ ହୋଇଥିବା ବେଳେ ଅଭିଯୋଗରେ ଦର୍ଶାଇଥିବା ସହପାଠୀ ମାନଙ୍କ ପରିବାର ବର୍ଗ ଆର୍ଥିକ ସ୍ୱଚ୍ଛଳ ଥିବାରୁ ଘଟଣାଟିକୁ ଚପାଇ ଦେବା ଲାଗି ଚେଷ୍ଟା କରାଯାଇଛି ବୋଲି ରୋଜାଲିନର ପିତା ମାତା ଅଭିଯୋଗ କରିଛନ୍ତି। ତେବେ ଜିଲ୍ଲା ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ଉଠାଇ ସାମାଜିକ କର୍ମୀ ସତିଶ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଉଚ୍ଚ ସ୍ତରୀୟ ତଦନ୍ତ କରି ରୋଜାଲିନ ମୃତ୍ୟୁ ଘଟଣାର ପରଦା ଉଠାଇବା ଲାଗି ନିବେଦନ କରିଛନ୍ତି ଓ ଉକ୍ତ ଘଟଣାରେ ଦୋଷୀ ମାନଙ୍କୁ ତୁରନ୍ତ ଗିରଫ କରିବା ଲାଗି ଦାବି ଜଣାଇଛନ୍ତି।

**AFFIDAVIT**

An affidavit before the Executive Magistrate, Bhadrak, I, sk. Babu Alias Shek Mairuddin aged 37 yrs. son of Shek Salamuddin At-Sukadevpur, Po/Ps-Basudevpur, Dist- Bhadrak, do hereby solemnly affirm & declare that in my LIC policies My name has been mentioned as Sk Babu but in AADHAR Card and Bank Pass Book my name has been mentiond as Shek Mairuddin. Both the name is same & one person. Henceforth I will be known as Shek Mairuddin in all purpose.

Shek Mairuddin

# ଭଦ୍ରକ ଜିଲ୍ଲାକୁ ମିଳିବ ଭୂମି ସମ୍ମାନ ପ୍ଲାଟିନମ୍ ସାର୍ଟିଫିକେଟ୍

ଭଦ୍ରକ, ୨୨/୦୬ (ନି.ପ୍ର): ଭୂମି ସମ୍ମାନ ପ୍ଲାଟିନମ୍ ପ୍ରମାଣପତ୍ର ପାଇବା ପାଇଁ ଭଦ୍ରକ ଜିଲ୍ଲା ଜାତୀୟ ସ୍ତରରେ ଯୋଗ୍ୟତା ହାସଲ କରିଥିବା ଆମ ଜିଲ୍ଲାପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବ ର ବିଷୟ। ସୂଚନା ଯୋଗ୍ୟ କି ଦେଶରେ ୬୮ ଟି ଜିଲ୍ଲା ଏହି ପ୍ରମାଣ ପତ୍ର ପାଇବା ପାଇଁ ତାଲିକା ଭୁକ୍ତ ହୋଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳରାମ ବୋନ୍ଦର ଆଗାମୀ ଜୁଲାଇ ୧୮ ତାରିଖ ମଙ୍ଗଳବାର ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପୂର୍ବାହ୍ନ ୧୧ଟାରେ ସମ୍ମାନନୀୟା ରାଷ୍ଟ୍ରପତିଙ୍କ ଠାରୁ ଏହି ପ୍ରମାଣ ପତ୍ର ଗ୍ରହଣ କରିବା କାର୍ଯ୍ୟକ୍ରମ ଅଛି। ଜିଲ୍ଲାପାଳଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶାନ୍ତନୁ କୁମାର ମହାନ୍ତିଙ୍କ ମାର୍ଗଦର୍ଶନରେ ଜିଲ୍ଲାର ସମସ୍ତ ତହସିଲଦାର ଓ ତହସିଲର ସମ୍ପୃକ୍ତ କର୍ମଚାରୀମାନଙ୍କ ସାମୁହିକ ଉଦ୍ୟମ ଯୋଗୁଁ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଜିଲ୍ଲାକୁ ଏହି ସମ୍ମାନ ପ୍ରାପ୍ତ ହୋଇଛି। ଏଥିପାଇଁ ଜିଲ୍ଲାପାଳ ସମୁଦାୟ ଟିମ୍ କୁ ଶ୍ରେୟ ପ୍ରଦାନ କରିଛନ୍ତି ଏବଂ ଅନ୍ୟ ସମସ୍ତ କ୍ଷେତ୍ରରେ ଏହିଭଳି ଉତ୍ସର୍ଗୀକୃତ କାର୍ଯ୍ୟ କଲେ ଆଗାମୀ ଦିନରେ ଜିଲ୍ଲାକୁ ଆହୁରି ଅନେକ ସମ୍ମାନ ମିଳିବ ବୋଲି ପ୍ରକାଶ କରିଥିଲେ। ପ୍ରକାଶ ଥାଉ କି ଜମିଜମା ରେକର୍ଡ଼, ଭୂ ନକ୍ସା ସମ୍ପର୍କିତ କମ୍ପ୍ୟୁଟରୀ କରଣ କାର୍ଯ୍ୟ ଓ ଅନ୍ୟ କେତେକ ପାରାମିଟର ମାପକ ଆଧାରରେ ଏହି ପ୍ରମାଣପତ୍ର ପ୍ରଦାନ ପାଇଁ ଯୋଗ୍ୟ ବିବେଚିତ କରାଯାଇଥାଏ। ୬୮ ଜିଲ୍ଲା ମଧ୍ୟରେ ୯ଟି ରାଜ୍ୟର ଜିଲ୍ଲା ଅନ୍ତର୍ଭୁକ୍ତ ଅଛି ଏବଂ ଓଡ଼ିଶାର ସର୍ବାଧିକ ୧୯ଟି ଜିଲ୍ଲା ଏହି ତାଲିକାରେ ସ୍ଥାନିତ ହୋଇଛି।

# ଦୁଇଟି ସ୍ୱର୍ଣ୍ଣ ପଦକ ଜିଣି ଗୌରବ ଆଣିଲେ ସନ୍ଧ୍ୟା

ବାରିପଦା: ଜାତୀୟ ସ୍ତରୀୟ ଜନଜାତୀୟ ଖେଳ ମହୋତ୍ସବ - ୨୦୨୩ ରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ସନ୍ଧ୍ୟା ମୁର୍ମୁ ଓ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସନ୍ଧ୍ୟା ୫୦୦୦ ମିଟର ଓ ୮୦୦ ମିଟର ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ସେ ଏହି ପଦକ ହାସଲ କରିବାର ସୌଭାଗ୍ୟ ହାସଲ କରିଛନ୍ତି ଓ ବାଙ୍ଗିରିପୋଷି ବ୍ଲକ ସ୍ଥିତ ନିଶ୍ଚିନ୍ତା ଗ୍ରାମର ବିଜୟ ମୁର୍ମୁ ଓ ମୀନା ମୁର୍ମୁଙ୍କ ଝିଅ ସନ୍ଧ୍ୟାଙ୍କର ପିଲାବେଳୁ ଖେଳକୁଦରେ କୌଣସି ଆଗ୍ରହ ନଥିଲେ ଓ ମାତ୍ର ୨୦୧୮ ମସିହାରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଢୁଥିବା ବେଳେ ସାଙ୍ଗସାଥିଙ୍କ ଖେଳ ଦେଖି ଖେଳକୁଦ ପ୍ରତି ଆକୃଷ୍ଟ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ବାରିପଦା ଷ୍ଟାଡିୟମରେ ଗୁରୁ ଦଲନ ଚନ୍ଦ୍ର କୁଅଁର ଦେଓଙ୍କ ଠାରୁ ପ୍ରଶିକ୍ଷଣ ପାଇ ତଥା ନିଜର କଠିନ ପରିଶ୍ରମ ଓ ଦୃଢ ଇଚ୍ଛାଶକ୍ତି ବଳରେ ସେ ୪ ବର୍ଷ ପରେ ୨୦୨୨ ମସିହାରେ ଭୁବନେଶ୍ୱରରେ ୫ ହଜାର ଓ ୧୦ ହଜାର ମିଟର ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟି ଛନ୍ତି ଓ ଚଳିତ ବର୍ଷ ରାଉରକେଲାରେ ୧୦ ହଜାର ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପ୍ରମାଣ ପତ୍ର ସହ ୧୦ ହଜାର ଟଙ୍କା ପୁରସ୍କାର ପାଇଥିଲେ ଓ ଏବେ ସେ ରାଜ୍ୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୁରଭଞ୍ଜ ଦଳରେ ସାମିଲ ଅଛନ୍ତି ଓ ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା ମିଳିଛି ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ତଥା ସମସ୍ତ କର୍ମକର୍ତ୍ତା ତାଙ୍କର ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ



ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# କାର୍ଯ୍ୟରେ ଯୋଗଦେଲେ ନୂଆ ଡାକ୍ତର

## ଉତ୍ତମ ସେବା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ




ଭଦ୍ରକ, ୨୨/୦୬ (ନି.ପ୍ର): ଓଡ଼ିଶା ସରକାରଙ୍କ ଦ୍ୱାରା ନୂତନ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିବା ଡାକ୍ତର ମାନଙ୍କ ମଧ୍ୟରୁ ୩୨ ଜଣଙ୍କୁ ଭଦ୍ରକ୍ ଜିଲ୍ଲାପାଇଁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ ୩୨ ଜଣଙ୍କ ମଧ୍ୟରୁ ୩୧ ଜଣ କାର୍ଯ୍ୟରେ ଯୋଗ ଦେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୮ ଜଣ ପି.ଜି. ଶିକ୍ଷା ପାଇଁ ଗଲେ। ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଯୋଗଦେଇ କାର୍ଯ୍ୟ କରିବା ପାଇଁଥିବା ୨୩ ଜଣ ଡାକ୍ତରଙ୍କ ପାଇଁ ଆୟୋଜିତ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ନୂତନ ପ୍ରେରଣା ନେଇ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ସଂଯୋଜନାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଉପସ୍ଥିତ ନବନିଯୁକ୍ତ ଡାକ୍ତରମାନଙ୍କୁ ସେବା କ୍ଷେତ୍ରରେ ଉତ୍ତମ ଗୁଣବତ୍ତା ପ୍ରଦର୍ଶନ ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗ ସମ୍ବନ୍ଧୀୟ କାର୍ଯ୍ୟଧାରା, ଡାକ୍ତର ମାନଙ୍କ ଦ୍ୱାରା ଉତ୍ତମ ସେବା ପ୍ରଦାନର ଆବଶ୍ୟକତା, ରୋଗୀମାନଙ୍କ ଉପରେ ଡାକ୍ତରମାନଙ୍କ ଉତ୍ତମ ବ୍ୟବହାର ପ୍ରଦର୍ଶନର ସୁପ୍ରଭାବ ଆଦି ବିଷୟରେ ଜିଲ୍ଲାପାଳ ସେମାନଙ୍କ ସହିତ ବାର୍ତ୍ତାଳାପ ଜରିଆରେ ପ୍ରକାଶ କରି ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ବାଲିଆପାଳର ବିକାଶ ପାଇଁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଲଙ୍ଗଳେଶ୍ୱର , ୨୨/୦୬ (ନି.ପ୍ର): ବାଲିଆପାଳର ବିକାଶ ପାଇଁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ଗୁରୁବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶଙ୍କୁ ଏକ ଦାବି ପାତ୍ର ପ୍ରଦାନ କରାଯାଇଛି। ସବୁଠି ବିକାଶ - ପ୍ରଗତି ହେଉଥିବାବେଳେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ବିକାଶ ପ୍ରଗତି ପଛରେ ପଡିଛି। ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତରେ ଶିକ୍ଷା,ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନ ଶିଳ୍ପ, କୃଷି ଏବଂ ଶିଳ୍ପର ସେମିତି କିଛି ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ଅନ୍ୟ ପକ୍ଷରେ ବାଲିଆପାଳ ଅଂଚଳରେ ଥିବା ଶ୍ରୀ ଗୋପୀନାଥ ସୂତାକଳକୁ ବନ୍ଦ କରିଦିଆଯାଇଛି। ସେହିପରି ସୁଦୀର୍ଘ ଡଗରା ବେଳାଭୂମିର ବିକାଶକୁ ଚାପି ଦିଆଯାଇଛି। ଏହି ସବୁକୁ ଦୃଷ୍ଟିରେ ରଖି ବାଲିଆପାଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆବାହକ ସତ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ଡଗରା ବେଳାଭୂମି ରାସ୍ତାକୁ ନବୀକରଣ, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୫ଟି ରେ ଅନ୍ତର୍ଭୁକ୍ତ କରିବା,ଗୋପୀନାଥ ସୂତାକଳକୁ କାର୍ଯ୍ୟକ୍ଷମ କରିବା , ଦୁଇ ହଜାର ମହିଳାଙ୍କ ପାଇଁ ହସ୍ତ ଶିଳ୍ପ କାରଖାନା ପ୍ରତିଷ୍ଠା, ବସ୍ତା ନିର୍ବାଚନ ମଣ୍ଡଳୀକୁ ବାଲିଆପାଳ ବସ୍ତା ନିର୍ବାଚନ ମଣ୍ଡଳୀ ନାମକରଣ କରିବା, ଶୀତଳ ଭଣ୍ଡାରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ସବ୍ ଟ୍ରେଜେରୀ ସ୍ଥାପନ, ବାଲିଆପାଳକୁ ଏନ. ଏ .ସି .କରିବା ପାଇଁ ସରକାରୀ ଘୋଷଣା ଆଦି ବିଭିନ୍ନ ଦଫା ସମ୍ବଳିତ ଏକ ପତ୍ର ବାଲିଆପାଳ ତହସିଲଦାରକୁ ଦେଇଛନ୍ତି।



# ଆଡ଼ପ ମଣ୍ଡପକୁ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

ପୁରୀ, ୨୨/୦୬ (ନି.ପ୍ର): ନବଦିନାତ୍ମକ ଯାତ୍ରାର ଆଜି ତୃତୀୟ ଦିନରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥ ଉପରୁ ଦିନତମାମ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିବା ବେଳେ ସଂନ୍ଧ୍ୟାରେ ରଥରୁ ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି । ଆଜି ସକାଳୁ ରଥ ଉପରେ ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହୋଇଛି। ଆଜି ସକାଳ ୬ଟା ୨୫ ରୁ ୭ଟା ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମଙ୍ଗଳଆଳତୀ ଅନୁଷ୍ଠିତ ହୋଇଛି । ୭ଟାରୁ ୭ଟା ୧୦ ମଧ୍ୟରେ ମଇଲମ ଓ ତଡ଼ପ ଲାଗି, ୭ଟା ୧୦ରୁ ୭ଟା ୫୫ ମଧ୍ୟରେ ଅବକାଶ ପୂଜା, ୮ଟା ୧୦ ରେ ବେଶ ଶେଷ ହୋଇଛି । ୮ଟା ୪୦ରୁ ୯ଟା ୨୦ ମଧ୍ୟରେ ତିନି ରଥ ଉପରେ ଶ୍ରୀଜୀଉମାନଙ୍କ ଗୋପାଳ ବଲ୍ଲଭ ନୀତି ଅନୁଷ୍ଠିତ ହୋଇଛି ।

# ଦୁର୍ଦ୍ଦାନ୍ତ ଅପରାଧୀ ଟିକିକୁ ଚାନ୍ଦା ଆଦାୟ ଅଭିଯୋଗରେ ଗିରଫ

ଲଙ୍ଗଳେଶ୍ୱର , ୨୨/୦୬ (ନି.ପ୍ର): ବାଲିଆପାଳ ଅଞ୍ଚଳରେ ବିଭିନ୍ନ ସମୟରେ ଅରାଜକତା ପରିସ୍ଥିତି ସୃଷ୍ଟି କରି ବ୍ୟବସାୟ କରୁଥିବା ଲୋକମାନଙ୍କ ଧମକ୍ ଚମକ୍ ଦେଇ ଚାନ୍ଦା ଆଦାୟ କରୁଥିବା ନେଇ ବୁଧବାର ବାଲିଆପାଳ ଥାନା ରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ବାଲିଆପାଳ ଅଞ୍ଚଳର ଜଣାଶୁଣା ଯୁବ ସମାଜସେବୀ ତଥା ପେଟ୍ରୋଲ ପମ୍ପ ର ମାଲିକ ବିଶ୍ୱଜିତ ଜେନା ବାଲିଆପାଳ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଟିକି ଅରଫ ଅମୂଲ୍ୟ ଦାସ, ପିତା ଗୋପାଳ ଦାସ, ବ୍ଲକ ଛକ ଠାରେ ଥିବା ପେଟ୍ରୋଲ ପମ୍ପ ରେ ୨୦୦୦ ଦୁଇ ହଜାର ଟଙ୍କା ର ପେଟ୍ରୋଲ ପକାଇବା ପରେ କର୍ମଚାରୀ ଙ୍କୁ ଟଙ୍କା ନ ଦେଇ ଧମକ ଦେଇଥିଲା ଓ ପରେ ମୋତେ ଫୋନ୍ ଯୋଗେ ମାସକୁ ମାସ ୩୦,୦୦୦ ତିରିଶ ହଜାର ଟଙ୍କା ଲେଖାଏଁ ଚାନ୍ଦା ଦେବାକୁ କହିଥିଲା ଜଦି ଟଙ୍କା ନ ଦେବୁ ପେଟ୍ରୋଲ ପମ୍ପ ସହିତ ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ ଉପରେ ବୁମା ମାଡ଼ କରିବ ବୋଲି ଧମକ ଦିଆଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି ବିଶ୍ୱଜିତ। ଅଭିଯୋଗ କୁ ଗ୍ରହଣ କରି ବାଲିଆପାଳ ପୋଲିସ ଟିକି କୁ ବାଲିଆପାଳ ଅଞ୍ଚଳରୁ ବୁଧବାର ରାତ୍ରି ୧୦ ସମୟରେ ଗିରଫ କରିଛି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ଙ୍କ ନିର୍ଦ୍ଦେଶରେ ଏସ,ଆଇ,ଇଫଓ ମନୋରଞ୍ଜନ ପୁହାଣ, ପିଠ ହେମ୍ରମ ଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲେ ଏଥିରେ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ।ଟିକି ନାମରେ ପୂର୍ବରୁ ବାଲିଆପାଳ, ରୂପସା, ବାଲେଶ୍ୱର ଟାଉନ, ସହଦେବ ଖୁଣ୍ଟା ଥାନାରେ ବହୁ ମାମଲା ରହିଛି।

# ସଚୀବଙ୍କ ଗସ୍ତକୁ ନେଇ ସିମୁଳିଆ ବିଧାୟକଙ୍କ ପ୍ରତିକ୍ରିୟା: ବିରୋଧିଙ୍କ ଭୟ ବାରି ହେଉଛି

ଖଇରା, ୨୨/୦୬ (ନି.ପ୍ର): ୫ଟି ସଚୀବଙ୍କ ଗସ୍ତକୁ ନେଇ ବିରୋଧୀ କ୍ରମାଗତ କିଛିଦିନ ହେଲା ସମାଲୋଚନା କରୁଥିବା ବେଳେ ସେମାନଙ୍କୁ ସେମାନଙ୍କ ଭାଷାରେ ଜବାବ ଦେଇଛନ୍ତି ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ଗୁରୁବାର ଅପରାହ୍ନରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅଭିଯୋଗ ପ୍ରକୋଷ୍ଠ ଜରିଆରେ ବିଭିନ୍ନ ସ୍ତରରେ ଅଭିଯୋଗ ଗ୍ରହଣ କରାଯାଇ ସମାଧାନ କରାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ସଚୀବ ଲୋକଙ୍କ ନିକଟକୁ ଆସି ଅଭିଯୋଗ ଶୁଣି ଉନ୍ନୟନମୂଳକ କାର୍ଯ୍ୟ କରିବାରେ ଅସୁବିଧା କେଉଁଠି। କେବଳ ବିରୋଧୀ ଏତେ ସଂଖ୍ୟାର ଜନସମାଗମ ଦେଖି ଭୟଭୀତ ହୋଇ ଏଭଳି ଆକ୍ଷେପ କରୁଥିବାର ବାରି ହୋଇ ପଡୁଥିବାର କହିଛନ୍ତି।

# ଆଜି ୫ଟି ସଚିବଙ୍କ ଜଳେଶ୍ୱର ଗସ୍ତ

## ବିଭିନ୍ନ ପଂଚାୟତରୁ ୯୫ ବିକାଶ ପ୍ରସ୍ତାବ ହେବ ଉପସ୍ଥାପନା

ଜଳେଶ୍ୱର ୨୨/୬(ନି.ପ୍ର): ରାତିପାହିଲେ ରାଜ୍ୟର ୫ଟି ସଚିବଙ୍କ ବାଲେଶ୍ୱର ଜିଲାର ଜଳେଶ୍ୱର ଗସ୍ତ କାର୍ଯ୍ୟକ୍ରମ ରହିଛି । ଏଥିରେ ବିଭିନ୍ନ ପଂଚାୟତର ସମସ୍ୟା ସମାଧାନ ପାଇଁ ୯୫ଟି ବିକାଶ ପ୍ରସ୍ତାବ ଆସିବାକୁ ଥିବା ଜଣାଯାଇଛି। ସେ ଗୁଡିକ ମଧ୍ୟରେ କବି ଦୀନକୃଷ୍ଣ ଦାସଙ୍କ ପୀଠର ବିକାଶ, ସୁବର୍ଣ୍ଣରେଖା ନଦୀର ମାକିଡିଆ ଓ ଜମାଳପୁର ଠାରେ ସେତୁ ନିର୍ମାଣ, ନଦୀର ଦୁଇପଟେ ସୁଦୃଢ ବନ୍ଧ ନିର୍ମାଣ, ରାଇବଣିଆରେ ୧୩୨/୩୩ ଗ୍ରୀଡ ପ୍ରତିଷ୍ଠା, ହାତୀ କୋରିଡର, କବାଟଘାଟି ଆଶ୍ରମ ସ୍କୁଲର ବିକାଶ, ପଶ୍ଚିମବାର୍ଡ ଓ ନୂଆକୋର୍ଟଠାରେ ଫାଣ୍ଡି ପ୍ରତିଷ୍ଠା, ଉଦ୍‌ବୃତ୍ତ ବର୍ଷାପାଣି ନିଷ୍କାସନ ଇତ୍ୟାଦି ମୁଖ୍ୟ ପ୍ରସଙ୍ଗ ରହିଛି । ଏଥିଲାଗି ୬୦ନଂ ଜାତୀୟ ରାଜପଥ କଡ ନୂଆକୋର୍ଟ ସନ୍ନିକଟରେ ସାଧାରଣ ଲୋକଙ୍କ ସହିତ ୫ଟି ସଚିବଙ୍କ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏଥିଲାଗି ବ୍ୟାପକ ବ୍ୟବସ୍ଥା ହୋଇଛି । ପୂର୍ବରୁ କଂଗ୍ରେସ ଦଳ ବିଭିନ୍ନ ସମସ୍ୟା ନେଇ ୧୪ଟି ପ୍ରଶ୍ନ ସଚିବଙ୍କ ଉଦ୍ଦେଶ୍ୟରେ ରଖିଥିବା ବେଳେ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ହେବାର ସୂଚନା ଦିଆଯାଇଥିଲା । ଏହାକୁ ଲକ୍ଷ୍ୟକରି ଆଜି ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁ ଓ ଆଇଆଇସି ରୋଜାଲିନ ବେହେରା ସଦଳବଳେ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସଙ୍କୁ ତାଙ୍କ ରହଣିସ୍ଥାନରେ ନଜରବନ୍ଦି ରଖାଯାଇଥିବା ଦଳପକ୍ଷରୁ କୁହାଯାଇଛି । ତାଙ୍କ ସହିତ ବ୍ଲକ ସଭାପତି ରାଜୀବ ପରିଡା, ଟାଉନ ସଭାପତି ଗିରିଜା ଶଂକର ଦାସ, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ଜିଲା ସାଧାରଣ ସଂପାଦକ ହେମନ୍ତ ଗିରି, ପଦ୍ମଲୋଚନ ବେହେରା, ଗୋପାଳକୃଷ୍ଣ ଜେନା ପ୍ରମୁଖଙ୍କୁ ପୋଲିସ ପ୍ରତିଷେଧକ ଭାବେ ଅଟକ ରଖିଥିବା କୁହାଯାଇଛି । ଏ ସଂପର୍କରେ ଏସ୍‌ଡିପିଓଙ୍କୁ ପଚାରିବାରୁ ଏ ସଂପର୍କରେ କୌଣସି ସିଦ୍ଧାନ୍ତ ନିଆଯାଇନଥିବା କୁହାଯାଇଛି ।

# ୫ଟି ସଚିବଙ୍କ ସହିତ ଜିଲ୍ଲା ବରିଷ୍ଠ ନାଗରିକ ମଂଚ କର୍ମକର୍ତ୍ତାଙ୍କ ସାକ୍ଷାତ ଆଲୋଚନା



ବାଲେଶ୍ୱର, ୨୨/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଂଚ ପକ୍ଷରୁ ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ସମ୍ପାଦକ ଦାମୋଦର ନାୟକ, ଉପସଭାପତି ଡଃ. ପଦ୍ମଲୋଚନ ପାତ୍ର, ସମ୍ପାଦକ ଡଃ. ଗୋବିନ୍ଦ ବିଶ୍ୱାଳ, ସମାଜସେବୀ ଯଶୋଦା ନନ୍ଦନ ଆଶ୍, ବେଣୁଧର ସାହୁ ପ୍ରମୁଖ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ତଥା ୫ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ନୋସିଠାରେ ସାକ୍ଷାତ ଆଲୋଚନା କରି ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ଉଦ୍ଦେଶ୍ୟରେ 'ଶ୍ରଦ୍ଧାଳୟ' ସ୍ଥାପନ ଓ ବାଲେଶ୍ୱର ସହରର ବିକାଶକଳ୍ପେ ଜିଲ୍ଲା କାରାଗାରକୁ ସହର ବାହାରକୁ ସ୍ଥାନାନ୍ତର କରିବା ସକାଶେ ଦାବି ଉପସ୍ଥାପନ କରିଥିଲେ। ସମାଜସେବୀ ଯଶୋଦାନନ୍ଦନ ଆଶ୍ ବାଲେଶ୍ୱରର ସର୍ବାଙ୍ଗୀନ ଉନ୍ନତି ପାଇଁ ୫ଟି ସଚିବଙ୍କ ନିକଟରେ ଦାବି ରଖିବା ସହ ଅନୁରୋଧ କରିଥିଲେ।

# ଗନ୍ଧବାଲିରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

ଭଦ୍ରକ, ୨୨/୦୬ (ନି.ପ୍ର): ଡି.ପି.ଏଚ୍.ଓ ତଥା ଡେଜିଗ୍ନେଟେଡ୍ ଖାଦ୍ୟ ନିରାପତ୍ତା ଅଧିକାରୀ ଡା. ଭାରତୀ ରାଉତଙ୍କ ନେତୃତ୍ୱରେ ଖାଦ୍ୟ ନିରାପତ୍ତା ଆଇନ୍ ଅବମାନନା ନେଇ ଗନ୍ଧବାଲିର ମତୋ, ଗଦି ଅଞ୍ଚଳରେ ଧରପଗଡ଼ କରାଯାଇଛି। ବିଭିନ୍ନ ହୋଟେଲ, ମିଷ୍ଟାନ୍ନ ଭଣ୍ଡାର, ଜଳଖିଆ ଷ୍ଟଲ ଆଦିରେ ଚଢ଼ଉ କରାଯାଇ ୨୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଖାଦ୍ୟ ନିରାପତ୍ତା ଆଇନ୍ ୨୦୦୬ର ଧାରା ୬୯ ନେଇ ସଚେତନତା ପାଇଁ ପ୍ରଚାରପତ୍ର ସଂପୃକ୍ତ ଖାଦ୍ୟ ବ୍ୟବସାୟୀ ମାନଙ୍କୁ ପ୍ରଦାନ କରାଯାଇଥିଲା। ଦୁଇଜଣ ବ୍ୟବସାୟଙ୍କ ଠାରୁ ଲାବୋରେଟୋରୀ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଛି।

# ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପ୍ରଥମ ପର୍ଯ୍ୟାୟ ରଥଟଣା ଶେଷ



ନୀଳଗିରି , ୨୨/୦୬ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିର ନବଦିନାତ୍ମକ ଘୋଷଯାତ୍ରାର ପ୍ରଥମ ପର୍ଯ୍ୟାୟ ରଥଟଣା ସମ୍ପନ୍ନ ହୋଇଛି। ପ୍ରଥମ ଦିବସ ରଥଟଣାରେ ରଥ ପୋଷ୍ଟ ଅଫିସ ନିକଟରେ ରହିଥିବା ବେଳେ ଦ୍ୱିତୀୟ ଦିବସରେ ଠାକୁରଙ୍କ ନୀତି ସମ୍ପନ୍ନ ହେବାପରେ ଅପରାହ୍ନ ପ୍ରାୟ ୫ଘଟିକା ସମୟରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଘଣ୍ଟ ଘଣ୍ଟା, କୀର୍ତ୍ତନ, ଖୋଳ, ମହୁରୀ, ହରିବୋଲ ଶବ୍ଦରେ ପ୍ରକମ୍ପିତ ହୋଇଉଠିଥିଲା ବଡ଼ଦାଣ୍ଡ। ରଥର ଘର୍ଘର ନାଦରେ ରଥ ଆଗକୁ ଗଡିଚାଲିଥିଲା। ରଥ ମାଉସୀ ମା ମନ୍ଦିର ନିକଟରେ ପହଞ୍ଚିବା ପରେ ରଥ ଉପରେ ସନ୍ଧ୍ୟା ଆଳତୀ ସମ୍ପନ୍ନ ହୋଇଥିଲା। ରଥ ପାଖରେ ୫ଟି ସଚିବ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।ପରେ ସମସ୍ତ ନୀତିକାନ୍ତି ଶେଷ ହେବା ପରେ ଚାରମାଳ ବନ୍ଧାଯାଇଥିଲକ୍ଷ। ତତ୍ପରେ ସୁଦର୍ଶନ ମହାରାଜସମେତ ତିନି ଠାକୁର ଗୋଟି ପହଣ୍ଡିରେ ମାଉସୀ ମା ମନ୍ଦିରକୁ ନିଆଯାଇଥିଲା। ଏହି ଉପଲକ୍ଷେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୦ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

# ବାରିକ୍‌ପୁର ବଜାରରେ କୋଟ୍‌ପା ଚଢ଼ଉ

ଭଦ୍ରକ, ୨୨/୦୬ (ନି.ପ୍ର): ଜାତୀୟ ତମାଖୁ ନିଷେଧ ଆଇନ୍‌ର ଅବମାନନା ନେଇ ଆଜି ବାରିକ୍‌ପୁର ବଜାରରେ ଜିଲ୍ଲାସ୍ତରୀୟ ସ୍କ୍ୱାଡ଼ ଦ୍ୱାରା ଧରପଗଡ଼ କରାଯାଇଥିଲା। ଏହି ଧରପଗଡ଼ରେ ୨୧ ଦୋକାନ ଉପରେ ଚଢ଼ଉ କରାଯାଇ ୧୩ ଜଣ ଦୋକାନୀଙ୍କ ଠାରୁ ଆଇନ୍ ଅବମାନା ଅପରାଧରେ ଦୁଇ ହଜାର ଛଅଶତ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ସବ୍‌ଇନିସ୍‌ପେକ୍ଟର ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ୍‌ଟିମ୍ ସହିତ ଏପିଡ଼େମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡା ଏବଂ ଅଣସଂକ୍ରାମକ ରୋଗର ସଂଯୋଜକ ଦୀପକ କୁମାର ରାଉତ ଏହି ଚଢ଼ଉ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଜବତ କରାଯାଇଥିବା ତମାଖୁ ଜାତୀୟ ଦ୍ରବ୍ୟ ସବୁ ଟିମ୍‌ର ଉପସ୍ଥିତିରେ ନଷ୍ଟ କରାଯାଇଥିଲା।



# ବୋଲେରୋ ଧକ୍କାରେ ଆଖିବୁଜିଲେ ସାଇକେଲ ଆରୋହୀ: କ୍ଷତିପୂରଣ ପ୍ରତିଶୃତି ମିଳିବା ପରେ ହଟିଲା ରାସ୍ତା ଅବରୋଧ

ଖଇରା, ୨୨/୦୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ସିଙ୍ଗିଡି ଗ୍ରାମର ରଶ୍ମିରଞ୍ଜନ ବେହେରା(୩୬) ନିଜର ୬ବର୍ଷର ପୁଅକୁ ସ୍କୁଲରେ ଛାଡି ଘରକୁ ଫେରୁଥିବା ବେଳେ ଭୀମନାଥପୁର ଛକ ନିକଟରେ ବୋଲେରୋ ଧକ୍କା ଦେବାରୁ ଦୁର୍ଘଟଣାରେ ଗୁରୁତର ହୋଇ ପଡିଥିଲେ । । ରକ୍ତାକ୍ତ ଏବଂ ସଜ୍ଞାହୀନ ଅବସ୍ଥାରେ ତାଙ୍କୁ ଖଇରା ମେଡିକାଲ ନିଆଯାଇଥିଲେ ହେଁ ଡାକ୍ତ ମୃତ ଘୋଷଣା କରିଥିଲେ। ପରେ ଗ୍ରାମବାସୀ ଭିମନାଥପୁର ଛକ ନିକଟରେ କ୍ଷତିପୁରଣ ଦାବୀରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଭାଜପା ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ,ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ଗୋଳିହା ସମିତିସଭ୍ୟ ରଞ୍ଜନ କୁମାର ରାଉତ,ଡୁଙ୍ଗୁରା ସମିତିସଭ୍ୟ ଶଶିର କୁମାର ସାମଲଙ୍କ ଉପସ୍ଥିତିରେ ଖଇରା ବିଡିଓ ଉତ୍ତମ କୁମାର ଜେନା ଓ ତହସିଲଦାର ପ୍ରଶାନ୍ତ କୁମାର ମହାରଣା ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ମୃତଙ୍କ ପରିବାରକୁ ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିଙ୍କ ତରଫରୁ ୧.୫ଲକ୍ଷ ଟଙ୍କା ଓ ରେଡକ୍ରସରୁ ୧୦ହଜାର ର କ୍ଷତିପୁରଣ ମିଳିବା ପରେ ଅବରୋଧ ପ୍ରତ୍ୟାହୃତ ହୋଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo